Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Vol - 22 Issue No:1 18 April 2026 (Saturday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୧ ୧୮ ଏପ୍ରିଲ ୨୦୨୬ (ଶନିବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬

ସୀମା ପୁନଃନିର୍ଦ୍ଧାରଣ, ରାଜନୈତିକ ବିମୁଦ୍ରାକରଣ ହେବ : ଥରୁର୍

ନୂଆଦିଲ୍ଲୀ,୧୭/୪: ସୀମା ପୁନଃ ନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ବିଲ୍ ଉପରେ ଶୁକ୍ରବାର ଲୋକସଭାରେ ତୀବ୍ର ବିତର୍କ ଦେଖିବାକୁ ମିଳିଛି । ବିତର୍କ ଭାଗ ନେଇ କଂଗ୍ରେସ ନେତା ଶଶି ଥରୁର କହିଛନ୍ତି ଯେ, ସୀମା ପୁନଃନିର୍ଦ୍ଧାରଣ ପାଇଁ ଗଭୀର ଆଲୋଚନା ଆବଶ୍ୟକ । ସେ କହିଛନ୍ତି ଯେ, ୨୦୧୬ରେ ବିମୁଦ୍ରାକରଣ ସମୟରେ ସରକାର ଯେଉଁ ବ୍ୟସ୍ତତା ଦେଖାଇଥିଲା, ଏବେ ସେପରି କରୁଛନ୍ତି । ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟା ହେଉଛି ରାଜନୈତିକ ବିମୁଦ୍ରାକରଣ, ଏହାର ଗଭୀର ପ୍ରଭାବ ରହିବ । ଥରୁର ଅଭିଯୋଗ କରିଛନ୍ତି ଯେ, ଲୋକସଭାର ଆକାର ବୃଦ୍ଧି ସହିତ ରାଜ୍ୟ ବିଧାନସଭାର ଆକାର ବୃଦ୍ଧି କରିବାର କୌଣସି ପ୍ରସ୍ତାବ ନାହିଁ, ଏହା ଦୁଇଟି ଗୃହ ମଧ୍ୟରେ ଅସନ୍ତୁଳନ ସୃଷ୍ଟି କରିବ । ମହିଳା ସଂରକ୍ଷଣ ବିଲ୍‌କୁ ଆମେ ସମର୍ଥନ କରିବୁ କିନ୍ତୁ ସୀମା ନିର୍ଦ୍ଧାରଣ ବିଲ୍ ପାଇଁ ଆମେ ଏହାକୁ ସ୍ଥଗିତ ରଖାଯାଉ । ସରକାର ଏହା ଉପରେ ପୁଣି ଥରେ ବିଚାର କରନ୍ତୁ ବୋଲି ଥରୁର୍ କହିଛନ୍ତି । ଏହାସହିତ ମହିଳା ସଂରକ୍ଷଣ ବିଲ୍‌କୁ ଲୋକସଭାର ବର୍ତ୍ତମାନର କ୍ଷମତା ସହିତ ଲାଗୁ କରିବାକୁ କହିଛନ୍ତି । ୨୦୧୧ ଜନଗଣନା ଆଧାରରେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ସହିତ ନ ଆଣନ୍ତୁ ବୋଲି କହିଛନ୍ତି । ସୀମା ପୁନଃନିର୍ଦ୍ଧାରଣରେ ଜନସଂଖ୍ୟା ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ରାଜ୍ୟଗୁଡ଼ିକୁ ଅଧିକ ରାଜନୈତିକ ଗୁରୁତ୍ୱ ଦିଆଯିବ । ସୀମା ପୁନଃନିର୍ଦ୍ଧାରଣର ପ୍ରଭାବ କ'ଣ ହେବ ସେ ବିଷୟରେ ଆମକୁ ସ୍ପଷ୍ଟ ହେବାକୁ ପଡିବ । ଏଥିପାଇଁ ଅଧିକ ବିଚାର ବିମର୍ଶ ଆବଶ୍ୟକ ବୋଲି ଥରୁର୍ କହିଛନ୍ତି । ମହିଳା ସଂରକ୍ଷଣ ଆଇନ ଏବଂ ସୀମା ନିର୍ଦ୍ଧାରଣ ବିଲ୍ ସଂଶୋଧନ ଉପରେ ସଂସଦରେ ଆଲୋଚନା ଆରମ୍ଭ ହେବା ପରେ କଂଗ୍ରେସ ନେତା ମନିକମ୍ ଟାଗୋର, କେସି ବେଣୁଗୋପାଳ ଏବଂ ପି ଚିଦାମ୍ବରମ୍ ଗୃହରେ ଇଣ୍ଡିଆମେଣ୍ଟର ସମସ୍ତ ସାଂସଦଙ୍କ ଉପସ୍ଥିତ ରହିବାକୁ କହିଥିଲେ । ବିରୋଧୀ ସଦସ୍ୟମାନେ ୨୦୨୩ ମହିଳା ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କରିବା ପୂର୍ବରୁ ସଂଶୋଧନ ପାଇଁ ଏକ ବିଲ୍ ଆଗତ କରିବା ପାଇଁ ସରକାରଙ୍କ ପଦକ୍ଷେପ ଉପରେ ପ୍ରଶ୍ନ ଉଠାଇଥିଲେ । ଟିଏମ୍‌ସି ସାଂସଦ କଲ୍ୟାଣ ବାନାର୍ଜୀ କହିଛନ୍ତି ଯେ, ଦଳ ମହିଳା ସଂରକ୍ଷଣକୁ ସମର୍ଥନ କରିବ, କିନ୍ତୁ ସେ ଦାବି କରୁଛନ୍ତି ଯେ, ଏହାକୁ ସଂସଦର ବର୍ତ୍ତମାନର କ୍ଷମତା ସହିତ କାର୍ଯ୍ୟକାରୀ କରାଯିବା ଉଚିତ । ସେ କହିଛନ୍ତି ଯେ ମହିଳା ସଂରକ୍ଷଣ ସହିତ ସୀମା ନିର୍ଦ୍ଧାରଣକୁ ଯୋଡ଼ିବାର କୌଣସି ଆବଶ୍ୟକତା ନାହିଁ । ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେତେବେଳେ ଭାବନ୍ତି ଯେ, ସେ ନିର୍ବାଚନ ହାରିବାକୁ ଯାଉଛନ୍ତି ସେତେବେଳେ ନିୟମରେ ପରିବର୍ତ୍ତନ କରନ୍ତି । ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ, ବିଜେପି ନିକଟରେ ଯଥେଷ୍ଟ ମହିଳା ପ୍ରତିନିଧି ନାହାନ୍ତି । ଲୋକସଭାରେ ମାତ୍ର ୧୨.୯୧% ଓ ରାଜ୍ୟସଭାରେ ୧୬.୯୮% ମହିଳା ଜନପ୍ରତିନିଧି ଅଛନ୍ତି । ମହିଳା ସଂରକ୍ଷଣ ନିଜ ସୁବିଧା ପାଇଁ ନୁହେଁ, ବରଂ ସମ୍ବିଧାନ ଅନୁଯାୟୀ ହେବା କଥା କହିଛନ୍ତି । ହିଳା ସଂରକ୍ଷଣ ଆଇନ ଏବଂ ସୀମା ନିର୍ଦ୍ଧାରଣ ବିଲ୍ ସଂଶୋଧନ ଉପରେ ସଂସଦରେ ଆଲୋଚନା ଆରମ୍ଭ ହେବା ପରେ କଂଗ୍ରେସ ନେତା ମନିକମ୍ ଟାଗୋର, କେସି ବେଣୁଗୋପାଳ ଏବଂ ପି ଚିଦାମ୍ବରମ୍ ଗୃହରେ ଇଣ୍ଡିଆମେଣ୍ଟର ସମସ୍ତ ସାଂସଦଙ୍କ ଉପସ୍ଥିତ ରହିବାକୁ କହିଥିଲେ ।

ମୋଦୀଙ୍କୁ 'ଖାସ୍ ବନ୍ଧୁ' କହିଲେ ଟ୍ରମ୍ପ :

ପଶ୍ଚିମ ଏସିଆରେ ଯୁଦ୍ଧ ରୋକିବାକୁ ଭାରତ-ଆମେରିକାର ମାଷ୍ଟର ପ୍ଲାନ୍

ନୂଆଦିଲ୍ଲୀ, ୧୭।୪: ପଶ୍ଚିମ ଏସିଆରେ ଜାରି ରହିଥିବା ଭୟଙ୍କର ଯୁଦ୍ଧ ପରିସ୍ଥିତି ମଧ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଟେଲିଫୋନିକ ବାର୍ତ୍ତାଳାପ ହୋଇଯାଇଛି । ଏହି ବାର୍ତ୍ତାଳାପ ପରେ ରାଷ୍ଟ୍ରପତି ଟ୍ରମ୍ପ ପିଏମ ମୋଦୀଙ୍କୁ ନିଜର ଜଣେ 'ଘନିଷ୍ଠ ବନ୍ଧୁ' ଭାବେ ସମ୍ବୋଧିତ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ପ୍ରସଙ୍ଗରେ ଆଲୋଚନା ହୋଇଥିବା ନେଇ ସୂଚନା ଦେଇଛନ୍ତି । ଏହି ଆଲୋଚନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ । ବିଶ୍ୱର ପ୍ରମୁଖ ତୈଳ ଯୋଗାଣ ମାର୍ଗ ଭାବେ ଜଣାଶୁଣା ଏହି ସାମୁଦ୍ରିକ ପଥର ସୁରକ୍ଷାକୁ ନେଇ ଉଭୟ ନେତା ଚିନ୍ତା ପ୍ରକଟ କରିଛନ୍ତି । ଟ୍ରମ୍ପ କହିଛନ୍ତି ଯେ, ବିଶ୍ୱ ଅର୍ଥନୀତି ଏବଂ ଶକ୍ତି ସୁରକ୍ଷା ପାଇଁ ଏହି ରାସ୍ତା ଖୋଲା ରହିବା ଅତ୍ୟନ୍ତ ଜରୁରୀ । ସାମୁଦ୍ରିକ ବାଣିଜ୍ୟ ଯେପରି ବାଧାପ୍ରାପ୍ତ ନହେବ, ସେଥିପାଇଁ ଭାରତ ଓ ଆମେରିକା ମିଳିତ ଭାବେ କାର୍ଯ୍ୟ କରିବାକୁ ସହମତି ପ୍ରକାଶ କରିଛନ୍ତି । ବାର୍ତ୍ତାଳାପ ବେଳେ ଟ୍ରମ୍ପ ଏକ ବଡ଼ ଖୁଲାସା କରି କହିଛନ୍ତି ଯେ, ଇସ୍ରାଏଲ ଏବଂ ଲେବାନନ ମଧ୍ୟରେ ୧୦ ଦିନିଆ ଯୁଦ୍ଧ ବିରତି ପାଇଁ ସହମତି ହୋଇଛି । ଗତ କିଛି ସପ୍ତାହ ଧରି ଇରାନ, ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଉତ୍ତେଜନା କାରଣରୁ ଲେବାନନରେ ବ୍ୟାପକ କ୍ଷୟକ୍ଷତି ଘଟିଛି ଏବଂ ପ୍ରାୟ ୨,୨୦୦ ଲୋକଙ୍କ ପ୍ରାଣହାନି ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଏହି ସୂଚନା ଦେଇ କହିଛନ୍ତି ଯେ, ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରାଯାଇଛି । ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ପ୍ରଗତି ଜାରି ରହିଛି ଏବଂ ଆଗାମୀ ଦିନରେ ଏହି ଭାଗିଦାରୀ ଆହୁରି ସୁଦୃଢ଼ ହେବ । ଅନ୍ୟପଟେ, ଲେବାନନର ସଶସ୍ତ୍ର ଗୋଷ୍ଠୀ ହିଜବୁଲ୍ଲା କହିଛି ଯେ ଏହି ଯୁଦ୍ଧ ବିରତି ସମ୍ପୂର୍ଣ୍ଣ ଲେବାନନରେ ଲାଗୁ ହେବା ଉଚିତ୍ ଏବଂ ଇସ୍ରାଏଲକୁ କୌଣସି ପ୍ରକାର ସାମରିକ ଛାଡ଼ ମିଳିବା କଥା ନୁହେଁ ।

ଓଏଏସ୍ ଅଧିକାରୀସ୍ତରରେ ଅଦଳ ବଦଳ

ଭୁବନେଶ୍ୱର,୧୭/୪(ନି/ପ୍ର): ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଅଧିକାରୀଙ୍କସ୍ତରରେ ଗୁରୁବାର ରାଜ୍ୟ ସରକାର ଅଦଳ ବଦଳ କରିଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୧୧ ଜଣ ଅଧିକାରୀଙ୍କ ବଦଳି କରାଯାଇଛି । ଏଥିରେ ଦର୍ଶାଯାଇଛି ଯେ, ବଦଳି ଆଦେଶ ପ୍ରକାଶ ପାଇବାର ସାତ ଦିନ ମଧ୍ୟରେ ନୂଆ ସ୍ଥାନରେ ଯୋଗଦେବା ଆବଶ୍ୟକ । ତେଣୁ ସ୍ଥାନାନ୍ତରିତ ଅଧିକାରୀମାନଙ୍କୁ ଏହି ସମୟ ମଧ୍ୟରେ କାର୍ଯ୍ୟ ମୁକ୍ତ କରାଯିବା ଜରୁରୀ । ନଚେତ ଚଳିତ ମାସ ୨୩ରୁ ସେହି ଅଧିକାରୀମାନଙ୍କୁ କେନ୍ଦ୍ରୀୟ ଭାବେ ମୁକ୍ତ କରାଗଲା ବୋଲି ବିବେଚନା କରାଯିବ ।

ଆମେରିକା-ଇରାନ କଥାବାର୍ତ୍ତା ପାଇଁ ତାରିଖ ସ୍ଥିର ହୋଇନାହିଁ

ଇସଲାମାବାଦରେ ଶାନ୍ତି ଚୁକ୍ତି ହେଲେ ପାକିସ୍ତାନ ଯିବେ ଟ୍ରମ୍ପ

ୱାଶିଂଟନ,୧୭/୪: ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସ ଜୋରଦାର ଚାଲିଛି । ପାକିସ୍ତାନର ବୈଦେଶିକ ମନ୍ତ୍ରଣାଳୟ ଗୁରୁବାର ନିଶ୍ଚିତ କରିଛି ଯେ, ଆମେରିକା ଏବଂ ଇରାନ ପ୍ରାୟ ସାତ ସପ୍ତାହ ଧରି ଚାଲିଥିବା ଯୁଦ୍ଧର ଅନ୍ତ ଘଟାଇବା ପାଇଁ ସେମାନଙ୍କର ଆଲୋଚନାକାରୀଙ୍କ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ବୈଠକ କରିବା ପାଇଁ ଇସଲାମାବାଦ ମାଧ୍ୟମରେ ଆଲୋଚନା କରୁଛନ୍ତି । ଏପ୍ରିଲ ୮ ରେ ଘୋଷଣା ହୋଇଥିବା ଅସ୍ତ୍ରବିରତିର ମିଆଦ ଶେଷ ହେବାକୁ ଆଉ ଅଳ୍ପ ଦିନ ବାକି ଥିବାବେଳେ ଏପର୍ଯ୍ୟନ୍ତ ପରବର୍ତ୍ତୀ ଆଲୋଚନା ପାଇଁ ତାରିଖ ସ୍ଥିର ହୋଇପାରିନାହିଁ । ଅନ୍ୟପକ୍ଷରେ ୱାଶିଂଟନ ଓ ତେହେରାନ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ପାକିସ୍ତାନର ଉଦ୍ୟମକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶଂସା କରିଛନ୍ତି । ଏହାସହିତ ଇସଲାମାବାଦରେ ଯଦି ପରବର୍ତ୍ତୀ ଆଲୋଚନା ବୈଠକ ଓ ଶାନ୍ତି ଚୁକ୍ତି ହୁଏ ତେବେ ଟ୍ରମ୍ପ ନିଜେ ପାକିସ୍ତାନ ଗସ୍ତ କରିବେ ବୋଲି କହିଛନ୍ତି । ନେଭାଡା ଗସ୍ତ ପୂର୍ବରୁ ହ୍ୱାଇଟ୍ ହାଉସରେ ସାମ୍ବାଦିକମାନଙ୍କ ସହିତ କଥାବାର୍ତ୍ତାବେଳେ ଟ୍ରମ୍ପ କହିଥିଲେ, ଇରାନରେ ସ୍ଥିତି ସକରାତ୍ମକ ରହିଛି, ଯାହା ଚୁକ୍ତି ସ୍ୱାକ୍ଷରିତ ହେବାର ସଙ୍କେତକୁ ଦର୍ଶାଉଛି । ଯଦି ଇସଲାମାବାଦରେ ଚୁକ୍ତି ସ୍ୱାକ୍ଷର ହୁଏ, ତାହା ହେଲେ ମୁଁ ସେଠାକୁ ଯିବ, ସେମାନେ ମୁଁ ଯାଏ ବୋଲି ଚାହୁଛନ୍ତି ବୋଲି ସାମ୍ବାଦିକଙ୍କୁ କହିଛନ୍ତି । ଟ୍ରମ୍ପ ଆମେରିକା ଏବଂ ଇରାନ ମଧ୍ୟରେ ଆଲୋଚନାକୁ ସୁଗମ କରିବାରେ ପାକିସ୍ତାନର ଭୂମିକାକୁ ପ୍ରଶଂସା କରିଥିଲେ ଏବଂ ଇସଲାମାବାଦର ସମ୍ପୃକ୍ତିକୁ ଗଠନମୂଳକ ଭାବରେ ବର୍ଣ୍ଣନା କରିଥିଲେ । ତେବେ ଶାନ୍ତି ଆଲୋଚନା ପାଇଁ ପାକିସ୍ତାନ ଉଦ୍ୟମ କରୁଥିଲେ ମଧ୍ୟ ଦୁଇ ପକ୍ଷ କଥାବାର୍ତ୍ତା ହେବା ନେଇ କେ ?ଣସି ତାରିଖ ସ୍ଥିର ହୋଇପାରିନାହିଁ । ଆଗାମୀ ଆଲୋଚନା କିପରି ହୋଇପାରେ ସେ ବିଷୟରେ ଉଲ୍ଲେଖ କରି ଇସଲାମାବାଦଠାରେ ସାମ୍ବାଦିକଙ୍କ ସହିତ କଥାବାର୍ତ୍ତା ବେଳେ ପାକିସ୍ତାନ ବିଦେଶ ମନ୍ତ୍ରଣାଳୟର ପ୍ରବକ୍ତା ତାହିର ଅନ୍ଦ୍ରାବି କହିଛନ୍ତି, ବୈଠକକୁ କିଏ ଆସିବେ, ପ୍ରତିନିଧିମଣ୍ଡଳୀ କେତେ ବଡ଼ ହେବ, କିଏ ରହିବେ ଏବଂ କିଏ ଯିବେ ତାହା ସମସ୍ତ ପକ୍ଷ ମିଶି ନିଷ୍ପତି ନେବେ । ମଧ୍ୟସ୍ଥି ଭାବରେ ଆଲୋଚନାକୁ ଗୋପନୀୟ ରଖିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ । ଆଲୋଚନାକାରୀ ପକ୍ଷମାନଙ୍କ ଦ୍ୱାରା ଆମକୁ ଦିଆଯାଇଥିବା ଆଲୋଚନାର ବିବରଣୀ ଏବଂ ସୂଚନା ଆମ ପାଖରେ ରହିଛି ।

ହାତୀ ଆକ୍ରମଣରେ ଯୁବକ ମୃତ :

କ୍ଷତିପୂରଣ ଦାବିରେ ନୟାଗଡ଼-ପୁରୀ ନୂଆ ଜଗନ୍ନାଥ ରାସ୍ତା ଅବରୋଧ

ଜଙ୍କିଆ/ନିରାକାରପୁର/ରଣପୁର/ବେଗୁନିଆ,୧୭/୪(ନି/ପ୍ର): ଖୋର୍ଦ୍ଧାଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ସିକୋ ଫାଣ୍ଡି ଅଚଂଳରେ ହାତୀ ଆତଙ୍କ ଜଣେ ଯୁବକଙ୍କ ଜୀବନ ନେଇଛି । ହାତୀ ଆକ୍ରମଣରେ ନିଧିପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବା ପରେ ସ୍ଥାନୀୟ ଅଚଂଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ହଜ ଛକଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି । ସୂଚନା ଅନୁଯାୟୀ, ନିଧିପୁର ଆଦିବାସୀ ସାହିର ସ୍ୱର୍ଗତ ଦିଜବର ନାୟକଙ୍କ ପୁଅ ସୁଶାନ୍ତ କୁମାର ନାୟକ (୩୫) ଗତକାଲି (ଗୁରୁବାର) ରାତି ପ୍ରାୟ ୧୦:୩୦ ସମୟରେ ହଜ ଗ୍ରାମରୁ ନିଜ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ । ହଜ-ନିଧିପୁର ରାସ୍ତାର କଲରାଝର ଗ୍ରାମ ଶେଷମୁଣ୍ଡରେ ଏକ ହାତୀ ସହ ସୁଶାନ୍ତଙ୍କ ସାମ୍ନାସାମ୍ନି ହୋଇଥିଲା । ହାତୀଟି ସୁଶାନ୍ତଙ୍କୁ ଦଳିଚକଟି ମାରିଦେବା ସହ ତାଙ୍କ ସାଇକେଲକୁ ମଧ୍ୟ ଭାଙ୍ଗି ଚୂରମାର କରିଦେଇଛି । ଆଜି ସକାଳୁ ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଉତ୍ୟକ୍ତ ହୋଇ ପଡ଼ିଥିଲେ । ନାରଗୋଦା ଜଙ୍ଗଲରେ ରହୁଥିବା ହାତୀପଲ ବର୍ଷତମାମ ଅଚଂଳରେ ଫସଲ ନଷ୍ଟ କରିବା ସହ ଧନଜୀବନ ହାନି କରୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା । ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ବିଧବା ମା', ସ୍ତ୍ରୀ ଓ ଦୁଇ ନାବାଳକ ସନ୍ତାନ ଅସହାୟ ହୋଇପଡ଼ିଛନ୍ତି । ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇଦେବା ଦାବିରେ ଗ୍ରାମବାସୀମାନେ ହଜ ଛକଠାରେ ନୟାଗଡ-ପୁରୀ- ନୂଆ ଜଗନ୍ନାଥ ସଡ଼କକୁ ଅବରୋଧ କରିଥିଲେ ।

'ରାଜ୍ୟର ନୀଳ ଅର୍ଥନୀତି ଚିତ୍ର ବଦଳିଯିବ' :

ଭାରତ ଓ ନରୱେ ସରକାର ମିଳିତ ସହଯୋଗ କରିବେ

ଭୁବନେଶ୍ୱର,୧୭/୪(ନି/ପ୍ର): ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପରିବେଶରେ ସନ୍ତୁଳନ ରକ୍ଷା କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର କାର୍ଯ୍ୟକାରୀ କରିବେ ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଏମ୍‌ଏସ୍‌ପି । ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟ ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ସଚିବ ପୂଜା ମିଶ୍ର ଏବଂ ଜାତୀୟ ଉପକୂଳ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଆରଏସ୍. କନ୍‌କରା ଏହି ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ କାର୍ଯ୍ୟକାରୀ ହେଲେ ରାଜ୍ୟର ନୀଳ ଅର୍ଥନୀତିର ଉନ୍ନତି ହେବା ସହ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ । ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସାଙ୍ଗକୁ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ ରହିବେ । ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଏମ୍‌ଏସ୍‌ପି ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ । ଏହା ଆମର ମତ୍ସ୍ୟ ଚାଷ, ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ସହିତ ମେରାଇନ୍ ଇକୋସିଷ୍ଟମର ସୁରକ୍ଷାରେ ମଧ୍ୟ ସହାୟକ ହେବ । ଗତବର୍ଷ ଅଗଷ୍ଟ ମାସରେ ସାମୁଦ୍ରିକ ପର୍ଯ୍ୟାବରଣ ଓ ସ୍ଥାନୀୟ ଅର୍ଥନୀତିର ଉନ୍ନତି ପାଇଁ ବାୟୋଟେକ୍ନୋଲୋଜିର ବ୍ୟାପକ ପ୍ରୟୋଗ କରିବାକୁ 'ଓମ୍‌ବ୍ରିକ୍' (ଓଡ଼ିଶା ମେରାଇନ୍ ବାଇଓଟେକ୍ନୋଲୋଜି ରିସର୍ଚ୍ଚ ଆଣ୍ଡ ଇନୋଭେସନ୍ କରିଡ଼ର) ଆରମ୍ଭ କରାଯାଇଥିଲା । ଏହା ଏବେ ଏମ୍‌ଏସ୍‌ପି କାର୍ଯ୍ୟକ୍ରମକୁ ସୁଦୃଢ଼ କରିବ । ଏହି ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟ ଓ ନରୱେ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ, ସାମୁଦ୍ରିକ ଜୀବଜଗତର ସୁରକ୍ଷା, ପରିବେଶ ପରିବର୍ତ୍ତନର ପ୍ରଭାବ ଏବଂ ସାମୁଦ୍ରିକ ସମ୍ବଳର ଉନ୍ନତ ବ୍ୟବହାର ଦିଗରେ ନେସନାଲ୍ ସେଣ୍ଟର ଫର୍ କୋଷ୍ଟାଲ ରିସର୍ଚ୍ଚ ସଂସ୍ଥା ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ମଡେଲ୍ ପ୍ରସ୍ତୁତ କରିଛି । ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏମ୍‌ଏସ୍‌ପିର ସଫଳତା ପାଇଁ ସମସ୍ତ ସହଯୋଗ ଯୋଗାଇ ଦେବ । ମୁଖ୍ୟ ସଚିବ ଅନୁ ଗର୍ଗ କହିଥିଲେ, ୨୦୩୬ ଓ ୨୦୪୭ର ପରିକଳ୍ପନାକୁ ସଫଳ କରିବା ପାଇଁ ଏହି ଏମ୍‌ଏସ୍‌ପି ଏକ ମହତ୍ୱପୂର୍ଣ୍ଣ ଅଭିଯାନ । ମତ୍ସ୍ୟ, ପର୍ଯ୍ୟଟନ ଏବଂ ସାମୁଦ୍ରିକ ଉତ୍ସଗୁଡ଼ିକର ସର୍ବାଧିକ ବିନିଯୋଗ ସହିତ ପର୍ଯ୍ୟାବରଣର ସୁରକ୍ଷା ଆମର ଲକ୍ଷ୍ୟ । କେନ୍ଦ୍ର ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟର ସଚିବ ଏମ୍. ରବିଚନ୍ଦ୍ରନ କହିଥିଲେ, ଆମର ବ୍ଲୁ-ଇକୋନୋମି ଯେପରି ଦୀର୍ଘସ୍ଥାୟୀ ହେବ ସେଥିପାଇଁ ଏହି ଏମ୍‌ଏସ୍‌ପି ସହାୟକ ହେବ । ନରୱେ ସରକାରଙ୍କ ଡେପୁଟି ଆମ୍ବାସାଡର ଅରଭିନ୍ ଗାଡ୍‌ଗିଲ କହିଥିଲେ, ଓଡ଼ିଶାର ଏକ ସାମୁଦ୍ରିକ ବାଣିଜ୍ୟ ଐତିହ୍ୟ ଓ ଦୀର୍ଘ ଉପକୂଳ ରହିଛି ।

ସଂସଦର ସ୍ୱତନ୍ତ୍ର ଅଧିବେଶନ : ୩ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ

ମହିଳା ସଂରକ୍ଷଣ ଉପରେ ଜୋରଦାର ବିତର୍କ

ନୂଆଦିଲ୍ଲୀ,୧୭/୪: ସଂସଦର ତିନିଦିନିଆ ସ୍ୱତନ୍ତ୍ର ଅଧିବେଶନରେ ଆଜି ଏନ୍‌ଡିଏ ସରକାର ଦୀର୍ଘଦିନରୁ ବିଳମ୍ବିତ ୩୩ ପ୍ରତିଶତ ମହିଳା ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ପାଇଁ ବଡ଼ ପଦକ୍ଷେପ ନେବା ସହ ଲୋକସଭାରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିଛନ୍ତି । ଏହି ପ୍ରକ୍ରିୟାକୁ ନୂତନ ନିର୍ବାଚନମଣ୍ଡଳୀ ପୁନଃନିର୍ଦ୍ଧାରଣ ସହିତ ଯୋଡ଼ା ଯାଇଛି, ଯାହାଦ୍ୱାରା ଲୋକସଭା ଆସନ ସଂଖ୍ୟା ୫୪୩ରୁ ପ୍ରାୟ ୮୫୦କୁ ବୃଦ୍ଧି ପାଇବ । ଶାସକ ମେଣ୍ଟ ଏହାକୁ ନାରୀ ଶକ୍ତି ପାଇଁ ଏକ ଐତିହାସିକ ପଦକ୍ଷେପ ବୋଲି ଅଭିହିତ କରିଥିବାବେଳେ ଇଣ୍ଡି ମେଣ୍ଟ ଏହା ଏକ ରାଜନୈତିକ ଚାଲ୍ ବୋଲି କହି ବିରୋଧ କରିଛି । ବିରୋଧୀଙ୍କ ଅଭିଯୋଗ ଅନୁଯାୟୀ, ସରକାର ସୀମା ପୁନଃନିର୍ଦ୍ଧାରଣକୁ ଅସ୍ତ୍ର କରି ଉତର ଭାରତର ଜନସଂଖ୍ୟାବହୁଳ ରାଜ୍ୟଗୁଡ଼ିକୁ ଫାଇଦା ପହଚାଂଇବାକୁ ଚେଷ୍ଟା କରୁଛନ୍ତି । ଗୁରୁବାର ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିବା ଅଧିବେଶନ ଉଭୟ ଶାସକ ଓ ବିରୋଧୀଙ୍କ ପ୍ରବଳ ଯୁକ୍ତିତର୍କ ଭିତରେ ସରଗରମ ରହିଥିଲା । କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ଗୃହମନ୍ତ୍ରୀ ଅମିତ ଶାହ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ନିମନ୍ତେ ଆସନ ବୃଦ୍ଧି ପାଇଁ ସମ୍ବିଧାନ ସଂଶୋଧନ (୧୩୧ତମ) ବିଲ୍, ସୀମା ପୁନଃନିର୍ଦ୍ଧାରଣ ବିଲ୍ ଓ କେନ୍ଦ୍ରଶାସିତ ଅଚଂଳ ଆଇନ (ସଂଶୋଧନ) ବିଲ୍ ଆଗତ କରିଥିଲେ । ସମ୍ବିଧାନ ସଂଶୋଧନ ବିଲ୍ ଆସନ ସଂଖ୍ୟା ଉପରେ ଥିବା ପ୍ରତିବନ୍ଧକ ହଟାଇବା ସହ ଗୃହରେ ୮୫୦ ଆସନ ବୃଦ୍ଧି ପାଇଁ ଉଦ୍ଦିଷ୍ଟ । ସୀମା ନିର୍ଦ୍ଧାରଣ ବିଲ୍‌ରେ ୨୦୧୧ ତଥ୍ୟ ବ୍ୟବହାର କରି ସୀମା ପୁନଃନିର୍ଦ୍ଧାରଣ ନିମନ୍ତେ କମିସନ ଗଠନ ପାଇଁ ପ୍ରାବଧାନ ରହିଥିବା ବେଳେ କେନ୍ଦ୍ରଶାସିତ ଅଚଂଳ ଆଇନ (ସଂଶୋଧନ) ବିଲ୍‌ରେ ଦିଲ୍ଲୀ, ପୁଡୁଚେରୀ ଓ ଜମ୍ମୁ-କାଶ୍ମୀର ଭଳି କେନ୍ଦ୍ରଶାସିତ ଅଚଂଳରେ ମହିଳା ସଂରକ୍ଷଣ ଲାଗୁ କରିବା ପାଇଁ ପ୍ରାବଧାନ ରହିଛି । ବିଲ୍ ଆଗତ ପାଇଁ ଦୁଇଟି ପର୍ଯ୍ୟାୟ ଭୋଟ ପରେ ସମ୍ବିଧାନ ସଂଶୋଧନ ବିଲ୍ ପ୍ରାରମ୍ଭିକ ସ୍ତର ଅତିକ୍ରମ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ବିଲ୍ ଆଗତ ପାଇଁ ଏହା ସପକ୍ଷରେ ୨୫୧ଟି ଭୋଟ ଓ ବିପକ୍ଷରେ ୧୮୫ଟି ଭୋଟ ପଡ଼ିଥିଲା । ଏନ୍‌ଡିଏର ୮୬ ଜଣ ସଦସ୍ୟ ଅନୁପସ୍ଥିତ ଥିଲେ ମଧ୍ୟ ସରକାର ଆବଶ୍ୟକ ବହୁମତ ସୀମାକୁ ସହଜରେ ଅତିକ୍ରମ କରିଥିଲେ । ଆସନ୍ତାକାଲି ଅପରାହ୍ନ ୪ଟାରେ ଲୋକସଭାରେ ବିଲ୍ ଉପରେ ଭୋଟ ଗ୍ରହଣ କରାଯିବ । ଯଦି ବିଲ୍ ପାସ୍ ହୁଏ, ତେବେ ପୁନଃନିର୍ଦ୍ଧାରଣ କମିସନ ତାଙ୍କର କାର୍ଯ୍ୟ ଆରମ୍ଭ କରିବେ ଏବଂ ୨୦୨୯ ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ମହିଳାମାନେ ସଂରକ୍ଷଣର ସୁବିଧା ପାଇବେ । ସଂସଦରେ ବର୍ତ୍ତମାନର ସଂଖ୍ୟା ସୂଚାଇ ଦେଉଛି ଯେ ଯଦି ବିରୋଧୀ ଦଳମାନେ ଏକାଠି ହୁଅନ୍ତି ତେବେ ସରକାର ଏକ କଠିନ ସ୍ଥିତିରେ ରହିପାରନ୍ତି । ଏକ ସମ୍ବିଧାନ ସଂଶୋଧନ ବିଲ୍ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଆବଶ୍ୟକ କରେ । ଲୋକସଭାରେ ୫୪୧ ସଂଖ୍ୟାକୁ ବିଚାରକୁ ନେଲେ ଦୁଇ ତୃତୀୟାଂଶ ସଂଖ୍ୟା ୩୬୦ରେ ପହଚିଁଛି । ୨୯୩ ସଦସ୍ୟ ଥିବା ଶାସକ ଏନ୍ ?ଡିଏ ଏବେ ୬୭ଟି ଆସନ ପଛରେ ରହିଛି ।

କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଜିଲ୍ଲା ଯୋଜନା କମିଟି ଅଧକ୍ଷ ଦାୟିତ୍ୱ ଗ୍ରହଣ କଲେ ଅଶୋକ ମହାନ୍ତି

ଅନୁଗୋଳ,୧୭/୪(ନି/ପ୍ର): ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି ପାଲଲହଡ଼ା ର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଅଶୋକ ମହାନ୍ତି ମହୋଦୟ । ନବ ନିଯୁକ୍ତ ଅଧକ୍ଷ ଶ୍ରୀଯୁକ୍ତ ମହାନ୍ତି ନାଲକୋ ସ୍ଥିତ ନିଜ ବାସ ଭବନରୁ ପୂଜାର୍ଚ୍ଚନା କରି କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ଏକ ବିଶାଳ ଶୋଭାଯାତ୍ରା ରେ ଅନୁଗୋଳ ମା ଗୁଣ୍ଡିଚା ମନ୍ଦିର ପାଖରେ ପହଚିଂ ଥିଲେ । ଗୁଣ୍ଡିଚା ମନ୍ଦିର ଠାରେ ଢ଼େଙ୍କାନାଳ ମାନ୍ୟବର ସାଂସଦ ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି , ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ , ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା , ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ , ଅନୁଗୋଳ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବଶିଷ୍ଠ ନାୟକ ଓ ଉପାଧକ୍ଷ ସୁରମଣି ଚାତାର , ପୂର୍ବତନ ଜିଲ୍ଲା ସଭାପତି ଡିଲେଶ୍ୱର ପ୍ରଧାନ , ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ବିଶ୍ୱ ରଞ୍ଜନ ପ୍ରଧାନ ପ୍ରମୁଖ ସ୍ୱାଗତ କରିଥିଲେ । ଗୁଣ୍ଡିଚା ମନ୍ଦିର ଠାରୁ ଅନୁଗୋଳ ଜିଲ୍ଲା ର ମହିଳା ମୋର୍ଚ୍ଚା , ଯୁବ ମୋର୍ଚ୍ଚା ଓ ସମସ୍ତ ବିଧାନ ସଭା କ୍ଷେତ୍ର ରୁ ଆସିଥିବା ହଜାର ହଜାର କାର୍ଯ୍ୟକର୍ତ୍ତା ଓ ଶୁଭେଚ୍ଛୁ ଶ୍ରୀଯୁକ୍ତ ମହାନ୍ତି ଙ୍କୁ ଏକ ଖୋଲା ଜିପ ମାଧମରେ ପଦ ଯାତ୍ରା କରି ଅନୁଗୋଳ କଲେକ୍ଟର କାର୍ଯ୍ୟାଳୟ ଅଭିମୁଖେ ବାହାରି ଥିଲେ । ସେଠାରେ ସେ ପହଚିଂବା ପରେ ଜିଲ୍ଲା ଅଧିକାରୀ ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଜିଲ୍ଲାପାଳଙ୍କୁ ନିଜ ନିଯୁକ୍ତି ପତ୍ର ପ୍ରଦାନ କରିବା ପରେ ସେ ଆନୁଷ୍ଠାନିକ ଭାବରେ ନିଜର ଦାୟିତ୍ୱ ଗ୍ରହଣ କରିଥିଲେ । ନିଜ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ ନାଗରିକ ମଂଚ, ଜିଲ୍ଲା ସାମ୍ବାଦିକ ସଂଘ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ସେ ସ୍ୱତନ୍ତ୍ର ସାକ୍ଷାତକାର ରେ ଓଡ଼ିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର ଢେଙ୍କାନାଳ ସାଂସଦ ଶ୍ରୀଯୁକ୍ତ ରୁଦ୍ର ନାରାୟଣ ପାଣି ଓ ରାଜ୍ୟ ବିଜେପି ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲ ତାଙ୍କ ଉପରେ ଭରସା ଓ ବିଶ୍ୱାସ କରି ଯେଉଁ ଗୁରୁ ଦାୟିତ୍ୱ ଦେଇଛନ୍ତି ତାହାକୁ ସେ ସଫଳତାର ସହ ନିର୍ବାହ କରିବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି । ତାଙ୍କ ନେତୃତ୍ୱ ରେ ଅନୁଗୋଳ ଜିଲ୍ଲା ର ବିକାଶ ର କାମ ଶୀର୍ଷସ୍ଥାନ ରେ ପହଚିଂବ ବୋଲି ଏବଂ ମୌଳିକ ସମସ୍ୟା ର ସମାଧାନ ଯଥା ଯୁବକ ମାନଙ୍କ ନିଯୁକ୍ତି ଓ କୃଷି କ୍ଷେତ୍ର ରେ ବିଶେଷ ପ୍ରାଧାନ୍ୟ ଦିଆ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ଏହି ବିଶେଷ ମୁହୂର୍ତ୍ତ ରେ ତାଙ୍କ ସହ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ , ବିଜେପି ଜିଲ୍ଲା ଉପସଭାପତି ନୃସିଂହ ବରାଳ, ସାଧାରଣ ସମ୍ପାଦିକା ବସନ୍ତ ମଞ୍ଜରୀ ପ୍ରଧାନ, ଅନ୍ୟତମ ସାଧାରଣ ସମ୍ପାଦକ ସୁଦିପ ଗଡନାୟକ , ସମସ୍ତ ଜିଲ୍ଲା ପଦାଧିକାରୀ , ବିଧାନସଭା କ୍ଷେତ୍ର ରୁ ଆସିଥିବା ମଣ୍ଡଳ ପଦାଧିକାରୀ ଓ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

ସିବିଏସସି ଦଶମ ଶ୍ରେଣୀ ପରୀକ୍ଷାରେ କେନ୍ଦ୍ରୀୟ ବିଦ୍ୟାଳୟର ସଫଳତା

କେନ୍ଦୁଝର,୧୭/୪(ନି/ପ୍ର): ସିବିଏସସି ଦଶମ ଶ୍ରେଣୀ ପରୀକ୍ଷାର ଫଳାଫଳ ଆଜି ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କେନ୍ଦୁଝର ସପକ୍ଷରେ ଯାଇଛି, ଚଳିତ ବର୍ଷ ଦଶମ ଶ୍ରେଣୀରେ ୮୩ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି ଏଥି ମଧ୍ୟରୁ ଏଗାର ଜଣ ୯୦%ରୁ ଉର୍ଦ୍ଧ୍ୱ ନମ୍ବର ରଖି ପାସ ହୋଇ ବିଦ୍ୟାଳୟ କୁ ଗୌରାବାନ୍ୱିତ କରିଛନ୍ତି,୭୨ ଜଣ ୬୦ % ର ଉର୍ଦ୍ଧ୍ୱ ନାମର ରଖି ପାସ ହୋଇଛନ୍ତି ବିଦ୍ୟାଳୟ ର ଅଧକ୍ଷ ସୁଶାନ୍ତ କୁମାର ସାହୁ ସମସ୍ତ ଶିକ୍ଷକ ଛାତ୍ର ଛାତ୍ରୀ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି, ମହେଶ ରାମ ମହାନ୍ତ ୯୭. ୪%, ପ୍ରୀତିପ୍ରିୟଦର୍ଶିନୀ ବଳ ୯୬. ୮%, ସାଇକ୍ରିସନା ପଣ୍ଡା ୯୪. ୬%, ଦିବ୍ୟାଶା ବେହେରା ୯୪. ୨%, ସିମରାନ ମହାନ୍ତ ୯୨. ୬%, ପ୍ରତୀକ୍ଷା ପ୍ରିୟଦର୍ଶୀ ୯୨ . ୪, ସାଇ ପ୍ରତ୍ୟୁଷ ସାମଲ ୯୧ . ୮%, ପ୍ରତ୍ୟୁଷ କିରଣ ୯୧ . ୮%, ରିସପ ଶ୍ରେୟାଂଶ ଭୂୟାଁ ୯୦. ୮%, ଜାନଭି ଚାଓ୍ୱଡା ୯୦. ୪%, କିଙ୍ଗଶିବୁଲ ମୁର୍ମୁ ୯୦. ୨%ମାର୍କ ରଖି ପାସ ହେବା ସହିତ ବିଦ୍ୟାଳୟର ସୁନାମ ବୃଦ୍ଧିକରିଛନ୍ତି, ବରିଷ୍ଠ ସାମ୍ବାଦିକ ତଥା ବିଦ୍ୟାଳୟ ଶିକ୍ଷକ ଅଭିବାବକ ସଙ୍ଘ ପୂର୍ବତନ ଭାଇସ ପ୍ରେସିଡେଂଟ ଶ୍ରୀ ଏଆର ଖାନ କୃତୀ ଛାତ୍ର ଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉତରୋତରୀ କାମନା କରିବା ସହିତ ଅଭିନନ୍ଦନ ଜଣାଇଛନ୍ତି ।

ବୈତରଣୀରୁ ବେଧଡ଼କ ବାଲି ଚୋରା ଚାଲାଣ : ପ୍ରଶାସନର ନୀରବତାକୁ ନେଇ ତେଜୁଛି ଅସନ୍ତୋଷ

ଚମ୍ପୁଆ,୧୭/୪(ନି/ପ୍ର): ଚମ୍ପୁଆ ବ୍ଲକ ଉଚବାଲି ଗ୍ରାମପଂଚାୟତ ଅନ୍ତର୍ଗତ ରେଙ୍ଗାଳ ଗୋଡା ଗ୍ରାମ ଦେଇ ବହିଯାଉଥିବା ପବିତ୍ର ବୈତରଣୀ ନଦୀ ଏବେ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି । ପ୍ରତ୍ୟେକ ଦିନ ଦିନ ଦ୍ୱିପ୍ରହରରେ ଶହ ଶହ ଟ୍ରାକ୍ଟର ସାହାଯ୍ୟରେ ବେଆଇନ ଭାବେ ବାଲି ଚୋରି ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନ ଏହାକୁ ଜାଣିଶୁଣି ଅଣଦେଖା କରୁଥିବା ଅଭିଯୋଗ ହେଉଛି । ସୂଚନା ଅନୁଯାୟୀ, ରେଙ୍ଗାଳ ଗୋଡାରେ ମାଫିଆମାନେ ଗ୍ରାମ୍ୟ ଜଙ୍ଗଲକୁ କାଟି ରାସ୍ତା କରି ନଦୀ ପଠାରେ ମେସିନ ସାହାଯ୍ୟରେ ପ୍ରାୟ ଦଶ ପନ୍ଦର ଫୁଟ ମାଟି କାଟି ନଦୀ ଭିତରକୁ ସୁଡ଼ଙ୍ଗ ରାସ୍ତା ନିର୍ମାଣ କରି ଚୋରା ବାଲି ଉଠାଉଛନ୍ତି । ଏହି ବାଲିକୁ ବିଭିନ୍ନ ଅଲଗା ଅଲଗା ସ୍ଥାନରେ ଗଛିତ କରି ରାତିରେ ହାଇୱା ଯୋଗେ ବାହାରକୁ ଚାଲାଣ କରୁଥିବା ଜଣାଯାଇଛି । ନଦୀପଠାରୁ କୌଣସି ଆଇନଗତ ଅନୁମତି ନଥାଇ ଦୈନିକ ବିପୁଳ ପରିମାଣର ବାଲି ଚୋରା ଚାଲାଣ କରାଯାଉଛି । ଅତ୍ୟଧିକ ବାଲି ଉତୋଳନ ଯୋଗୁଁ ନଦୀର ସ୍ୱାଭାବିକ ଗତିପଥ ପରିବର୍ତ୍ତନ ହେବାର ଆଶଙ୍କା ଦେଖାଦେଇଛି । ଜଳସ୍ତର କମି କମି ଯାଉଛି, ଫଳରେ କୃଷି କାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି । ଭାରୀଯାନ ଓ ଟ୍ରାକ୍ଟର ଚଳାଚଳ ଯୋଗୁଁ ଗ୍ରାମ୍ୟ ରାସ୍ତାଗୁଡ଼ିକ ଶୋଚନୀୟ ହୋଇପଡ଼ିଛି । ସରକାରୀ ନିୟମକୁ ବେଖାତିର କରି ବାଲି ମାଫିଆମାନେ କୋଟି କୋଟି ଟଙ୍କାର ରାଜସ୍ୱ ହରିଲୁଟ୍ କରୁଛନ୍ତି । ଏହି ବେଆଇନ କାରବାର ବିଷୟରେ ସ୍ଥାନୀୟ ଖଣି ବିଭାଗ, ତହସିଲ ଓ ପୋଲିସ ପ୍ରଶାସନ ଅବଗତ ଥାଇ ମଧ୍ୟ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ସରକାରଙ୍କ ନୀତି ନିୟମ ଅନୁସାରେ ଟେଣ୍ଡର ପ୍ରକ୍ରିୟାରେ ସ୍ୱଛତାର ସହିତ ବାଲି ଉଠେଇବାକୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଠାରେ ପ୍ରସ୍ତାବ ଦେବା ସହିତ ବେନିୟମ ଭାବେ ଚୋରା ବାଲି ଚାଲାଣରେ ରୋକ ଲଗାଇ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ କେନ୍ଦୁଝର ଜିଲ୍ଲାପାଳଙ୍କୁ ଗୁହାରୀ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇ ନ ଥିବା କୁହାଯାଉଛି । ଯଦି ତୁରନ୍ତ ଏହି ଚୋରା ବାଲି ଚାଲାଣ ବନ୍ଦ କରା ନଯାଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷେ, ପ୍ରଶାସନର ଏହି 'ଚୁପ୍' ରହିବା ପଛରେ ବାଲି ମାଫିଆଙ୍କ ସହ କୌଣସି ଅସାଧୁ ମଧୁଚନ୍ଦ୍ରିକା ଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଗତ ଶନିବାର ରାତିରେ ରେଙ୍ଗାଳଗୋଡ଼ା ବଣସାହି (ଜଙ୍ଗଲ ସାହି)ରେ ଥିବା ଗ୍ରାମକୁ ସଂଯୋଗ ହୋଇଥିବା ଇଲେକ୍ଟ୍ରି ଖୁଂଟ ମାଫିଆଙ୍କ ହାଇୱା ଧକ୍କାରେ ଭାଙ୍ଗି ତଳେ ପଡିଯିବା ପରେ ଚବିଶ ଘଂଟା ଭିତରେ ବିଦ୍ୟୁତ ବିଭାଗ ପକ୍ଷରୁ ନୂଆ ଖୁଂଟ ପୋତି ତାର ଟାଣି ଦିଆଯାଇଛି । ଜଣେ ସାଧାରଣ ବିଦ୍ୟୁତ ଉପଭୋକ୍ତା ବିଦ୍ୟୁତ ଖୁଂଟ କିମ୍ବା ବିଦ୍ୟୁତ ସଂଯୋଗ ପାଇଁ ଆବେଦନ କଲେ ମାସ ମାସ ଅପେକ୍ଷା କରିବାକୁ ପଡୁଥିବା ବେଳେ ବାଲି ମାଫିଆ ବିଦ୍ୟୁତ ଖୁଂଟ ଭାଙ୍ଗି ଦେବା ପରେ ବିଦ୍ୟୁତ ବିଭାଗର ଏହି ତରବରିଆ କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ରେଙ୍ଗାଳଗୋଡା ବଣ ସାହି ବିଦ୍ୟୁତ ବିଭାଗର ତୁରୁମୁଙ୍ଗା ଡିଭିଜନରେ ଯାଉଥିବା ବେଳେ ଏବେ ଏହି ତୁରମୁଙ୍ଗା ବିଦ୍ୟୁତ ବିଭାଗ ଯନ୍ତ୍ରୀ ଓ ବାଲି ମାଫିଆଙ୍କ ର ମଧ୍ୟ ସଲାସୁତରା ରହିଥିବା ସ୍ଥାନୀୟ ଅଂଚଳରେ ଆଲୋଚନା ହେଉଛି । ଏ ସମ୍ପର୍କରେ ବିଦ୍ୟୁତ ବିଭାଗ ଜେଇଙ୍କୁ ଯୋଗାଯୋଗ କରିବାରୁ ଖୁଂଟ ଭାଙ୍ଗିଛି ବୋଲି ଖବର ପାଇବା ପରେ ସଙ୍ଗେ ସଙ୍ଗେ ଖୁଂଟ ପୋତି ବିଦ୍ୟୁତ ସଂଯୋଗ ଦିଆ ଯାଇଛି ବୋଲି କହିଥିଲେ । ତେବେ ନଦୀର ସୁରକ୍ଷା ଓ ସରକାରୀ ସମ୍ପତିର ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

ନୂତନତ୍ୱକୁ ଆବାହନ କରେ ବିଷୁବ ସଂକ୍ରାନ୍ତି

ଆମ ମାତୃଭାଷା ପରିଷଦର ନବମ ସ୍ୱନକ୍ଷତ୍ର ଦିବସ ପାଳିତ

ଭଦ୍ରକ,୧୭/୪(ନି/ପ୍ର): ଆମ ମାତୃଭାଷା ପରିଷଦର ବିଷୁବ ସଂକ୍ରାନ୍ତି ଆସରର ନବମ ସ୍ୱନକ୍ଷତ୍ର ଦିବସ ସାମରାଇପୁରସ୍ଥିତ ପ୍ରତିଷ୍ଠାତା ସମ୍ପାଦକ ଡାକ୍ତର ଅନିଲ କୁମାର ଦାଶଙ୍କ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀଙ୍କ ପୌରହିତ୍ୟରେ ସମାଜସେବୀ ଶୁଭ୍ରକାନ୍ତି ଦାଶ ଉଦ୍‌ଘାଟନ କରିଥିଲେ । ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । "ଆମ ମାଟିରେ ବିଷୁବ ସଂକ୍ରାନ୍ତି" ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ପ୍ରାଧ୍ୟାପକ ଡ. ଗିରିଶ୍ ବିହାରୀ ମିଶ୍ର, ମୁଖ୍ୟବକ୍ତା ପ୍ରାକ୍ତନ ଅଧକ୍ଷ ଡ. ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନିତ ଅତିଥି କାଦମ୍ବିନୀ ପତ୍ରିକାର ସହ ସମ୍ପାଦକ ଯୁବସାହିତ୍ୟିକ ଅମିତାଭ ଖିଲାର, ବିଶିଷ୍ଟ ଅତିଥି ଅନନ୍ୟା ପତ୍ରିକାର ସମ୍ପାଦକ ସନ୍ତୋଷ କୁମାର ନନ୍ଦ, କାର୍ଯ୍ୟକାରୀ ସଭାପତି ଅଧକ୍ଷ ନୀହାର ରଞ୍ଜନ କର, ଅତିଥି ପିତାମ୍ବର ଦାଶ, ଅଧ୍ୟାପକ ଡ. ରମାକାନ୍ତ ନାୟକ, ଲକ୍ଷ୍ମଣ କୁମାର ମହାନ୍ତି, ଶିକ୍ଷାବିତ୍ ପାର୍ଥସାରଥି ମହାନ୍ତି, ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ବହଳୀ, ଅଧକ୍ଷ ଡ. ନିତ୍ୟାନନ୍ଦ ମିଶ୍ର, ହୃଷିକେଶ ପତି, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ଗୟାଧର ଦାସ ପ୍ରମୁଖ ବିଷୁବ ସଂକ୍ରାନ୍ତି ଓଡ଼ିଆ ନୂତନ ବର୍ଷକୁ ଆବାହନ କରେ ଓ ନୂତନ ପଞ୍ଜିକା ଆରମ୍ଭ ହୁଏ ଏବଂ ପ୍ରଥମ ରାଶି ମେଷ ରାଶି ଆରମ୍ଭ ହୁଏ, ନୂତନ ପଣା ଚଉଁରା ମୂଳରେ ଠେକି ପ୍ରଦାନପୂର୍ବକ ପଣାପାନର ପର୍ବ ପାଳନ ହୁଏ, ପଣା ପ୍ରଦାନରେ ଅଶେଷ ପୂଣ୍ୟ ହୁଏ ବୋଲି ମତପୋଷଣ କରିଥିଲେ । ଅଧ୍ୟାପିକା ଡ. ମମତା ସାହୁ ଓ କବୟିତ୍ରୀ ମାନସୀବାଳା ସୂତାରଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା, ବିଜୟ କୁମାର ବହଳୀ, ଶ୍ରଦ୍ଧାଞ୍ଜଳି ମିଶ୍ର, ଶିଶୁକବି ଅଂଶୁମାନ ସ୍ୱାଇଁ, ବସନ୍ତ କୁମାର ପାତ୍ର, କୈଳାସ ଦାସ, ମହେନ୍ଦ୍ର ଓଝା, ବିପ୍ଲବ କୁମାର ହୋତା, ମୋନାଲିସା ସାହୁ, ମିନତୀ ବାରିକ, ମନୋରମା ରାୟ, ସସ୍ମିତା ସାହୁ, ଶଶାଙ୍କ ଶେଖର ପଣ୍ଡା, ନରେଶ ଚନ୍ଦ୍ର ଲେଙ୍କା, ମୁସ୍ତାକ୍‌ଗହ୍ୱର, ସେକ୍‌ଅବଦୁଲ ଦୟାନ୍, ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ସଂଯୁକ୍ତା ଯାଦବ, ଶାନ୍ତିଲତା ବାରିକ, ସଂଯୁକ୍ତା ବଳ, ରମେଶ ଚନ୍ଦ୍ର ଦାସ, ଅଧିବକ୍ତା ମନୋରଞ୍ଜନ ଦାସ, ନୀରନ୍ ନାୟକ ପ୍ରମୁଖ ଅନେକ କବି ସ୍ୱରଚିତ ବିଷୁବ କବିତା ପାଠ କରିଥିଲେ । କେଦାରନାଥ ମହାପାତ୍ର ବେଦପାଠ, ମମତା ରାଣୀ ମହାନ୍ତି ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ, ସହ-ସମ୍ପାଦିକା ମମତାରାଣୀ ଦାଶମିଶ୍ର ମଂଚ ପରିଚାଳନା, ଶେଷରେ ଶିକ୍ଷାବିତ୍ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ସେବା ସପ୍ତାହ ପାଳନ

କେନ୍ଦୁଝର,୧୭/୪(ନି/ପ୍ର): ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ଏପ୍ରିଲ୍ ୧୪ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ବଡ଼ବିଲ ପୌରାଂଚଳ ତଥା ବଡ଼ବିଲ ଥାନା ଅନ୍ତର୍ଗତରେ ଥିବା ବଡ଼ବିଲ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ଏହି ସେବା ସପ୍ତାହ ପାଳନ କରାଯାଉଥିବା ବେଳେ ଏହି ସେବା ସପ୍ତାହ ପାଳନ ଅବସରରେ ବଡ଼ବିଲ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି, ଯେଉଁଥିରେ କି ବିଭିନ୍ନ ସ୍କୁଲ କଲେଜକୁ ଯାଇ କିପରି ନିଆଁକୁ ଆୟତ କରାଯାଇ ପାରିବ ଓ କେଉଁ ପ୍ରକାରର ସୁରକ୍ଷା ଅବଲମ୍ବନ କରାଯାଏ ସେ ବିଷୟରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ସଚେତନ ବାର୍ତ୍ତା ଦେଇଛନ୍ତି ଏବଂ ବିଭିନ୍ନ ଅନୁଷ୍ଠାନ ଓ ମେଡ଼ିକାଲ ମାନଙ୍କୁ ଯାଇ କିପରି ନିଆଁ ଦାଉରୁ ରକ୍ଷା ପାଇବେ ଓ ନିଆଁ ଲାଗିଲେ କିପରି ତାକୁ ଆୟତ କରିବେ ସେ ନେଇ ସମସ୍ତଙ୍କୁ ସଚେତନ କରାଇଥିଲେ । ଏହି ପରିପ୍ରେକ୍ଷୀରେ ବଡ଼ବିଲ ଅଗ୍ନିଶମ ବିଭାଗ ପକ୍ଷରୁ ବଡ଼ବିଲ ଅଗ୍ନିଶମ ବିଭାଗ ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କ ସହ ଦମକଳ ଗାଡ଼ିକୁ ସାଙ୍ଗରେ ନେଇ ବିଭିନ୍ନ ସ୍ଥାନକୁ ଯାଇ ସଚେତନ କରାଉଥିବା ଦେଖିବାକୁ ମିଳିଥିଲା ।

ଆଙ୍ଗୁଳିଆ ବିସ୍ଥାପିତ କଲୋନୀରେ ମହାବିଷୁବ ସଂକ୍ରାନ୍ତି ପାଳିତ

ଚମ୍ପୁଆ, ୧୭/୪(ନି/ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ନାରଦପୁର ଗ୍ରାମପଂଚାୟତର ଆଙ୍ଗୁଳିଆ ବିସ୍ଥାପିତ କଲୋନୀରେ ମହାଆଡମ୍ବରରେ ମହାବିଷୁବ ପଣା ସଂକ୍ରାନ୍ତି ପାଳିତ ହୋଇଯାଇଛି । ହିନ୍ଦୁ ରୀତିନୀତି ଅନୁଯାୟୀ ଗତ ୧୧ ତାରିଖରୁ ଯଥାବିଧି ମା'ବାସୁଳୀ, ବୁଢା ବାସୁଳୀ ଓ ଶୀଖ୍ରେଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜକ ଦୁଷ୍ମନ୍ତ ଦାସ ତଥା ଘଟୁଆଳ ଚିନ୍ତାମଣି କାଣ୍ଡି ଓ ଦୁଃଖବନ୍ଧୁ ନାଏକଙ୍କ ଦ୍ୱାରା ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଆସୁଥିଲା । ସ୍ଥାନୀୟ ଗ୍ରାମବାସୀଙ୍କ ସହିତ ଆଖପାଖ ଅଂଚଳରୁ ହଜାର ହଜାର ସଂଖ୍ୟାରେ ଭକ୍ତ ତଥା ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମା'ଙ୍କ ଆଶିଷ ଲାଭ କରିଥିବାର ଦେଖିଅବାକୁ ମିଳିଥିଲା । ଏହି ଅବସରରେ କମିଟି ଦ୍ୱାରା ବାଦୀ ପାଲା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ କରାଯାଇଥିଲା । ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ପ୍ରଥମ କରି ଚଇତି ପର୍ବ ବିସ୍ଥାପିତ କଲୋନୀରେ ଆୟୋଜିତ ହୋଇଥିବା ବେଳେ ପୂର୍ବେ ତାହା ପୁରୁଣା ଚମକପୁର ଗ୍ରାମରେ ଆୟୋଜିତ ହେଉଥିଲା । ଚଇତି ପର୍ବକୁ ମା ବାସୁଳୀ ମେଳା କମିଟିର ସଭାପତି ଲିଙ୍ଗରାଜ ନାଏକ, ସମ୍ପାଦକ ପୁରୁଷୋତମ ନାଏକ, ଅର୍ଜୁନ ଚରଣ ବେହେରା, ଅମର ନାଏକ, ଇଶ୍ୱର ନାଏକ, ଚୌଧୁରୀ ନାଏକ, ଭାଗବତ ନାଏକ, ଅକ୍ଷୟ ନାଏକ, ଧବଳେଶ୍ୱର ନାଏକ, ଦୁଷ୍ମନ୍ତ ବେହେରା, ବିକାଶ ନାଏକ, ଚିନ୍ମୟ ଦାସଙ୍କ ସହିତ ଗ୍ରାମବାସୀ ସଫଳତା ପୂର୍ବକ ଆୟୋଜନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

ଉଦ୍ୟମ ଓ ଇଚ୍ଛାଶକ୍ତି ଥିଲେ ମହିଳାମାନେ ଅଟକିବେ ନାହିଁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୭/୪(ନି/ପ୍ର): ୨୦୨୩ର ନାରୀ ଶକ୍ତି ବନ୍ଦନ ଅଧିନିୟମ କୋଟି କୋଟି ମହିଳାଙ୍କ ସ୍ୱପ୍ନର ଉଡ଼ାଣ । ଏହାଦ୍ୱାରା ଲୋକସଭା ଓ ବିଧାନସଭାଗୁଡ଼ିକରେ ମହିଳାଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷଣ ସୁନିଶ୍ଚିତ ହୋଇଛି । ଓଡ଼ିଶାରେ ତୃଣମୂଳସ୍ତରରେ ପ୍ରାୟ ୧୪.୫ ଲକ୍ଷ ମହିଳା ପଚାଂୟତିରାଜ ଅନୁଷ୍ଠାନରେ ନିର୍ବାଚିତ ପ୍ରତିନିଧି ଭାବେ କାର୍ଯ୍ୟକରି ଦକ୍ଷତା ପ୍ରମାଣିତ କରିଛନ୍ତି । ଏହି ଅଧିନିୟମ ମାଧ୍ୟମରେ ଆଗାମୀ ଦିନରେ ମହିଳାଙ୍କ ପ୍ରତିନିଧିତ୍ୱ ଆହୁରି ବ୍ୟାପକ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ରେଳ ପ୍ରେକ୍ଷାଳୟରେ ଆୟୋଜିତ ନାରୀଶକ୍ତି ବନ୍ଦନ ଟାଉନ ହଲ୍ ମିଟିଂରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମାତୃଶକ୍ତିଙ୍କୁ ଉଦ୍‌ବୋଧନ ଦେଇ କହିଲେ, ଉଦ୍ୟମ ଓ ଇଚ୍ଛାଶକ୍ତି ଥିଲେ ମହିଳାମାନେ କୌଣସି କ୍ଷେତ୍ରରେ ଅଟକିବେ ନାହିଁ । ଗାଁର ସାଧାରଣ ମହିଳା ଯେତେବେଳେ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ଓ ଆଧୁନିକ କୃଷି କରନ୍ତି ସେତେବେଳେ ହିଁ ପ୍ରକୃତ ବିକାଶ ହୋଇଥାଏ । ସେଥିପାଇଁ ଓଡ଼ିଶାର ପ୍ରତିଟି ମା'ଙ୍କୁ ଲକ୍ଷପତି ଦିଦି ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ । ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ବିଧାନସଭା ଓ ସଂସଦରେ ମଧ୍ୟ ମହିଳା ପ୍ରତିନିଧିତ୍ୱ ସମାନ ଭାବେ ପ୍ରତିଫଳିତ ହେବା ଉଚିତ ବୋଲି କହିଥିଲେ । ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଲେ, ଏହି ଅଧିନିୟମ ବଳରେ ପଚାଂୟତରୁ ସଂସଦ ଯିବା ସହଜ ହେବ । ଆମେ କେବଳ ମହିଳା ହିତାଧିକାରୀ ନୁହେଁ, ମହିଳା ଭାଗିଦାରୀ ଚାହୁଁଛୁ ବୋଲି ଶ୍ରୀମତୀ ପରିଡ଼ା କହିଥିଲେ । ଉତ୍ସବରେ ବିଶିଷ୍ଟ ସାହିତ୍ୟିକା ତଥା ଜ୍ଞାନପୀଠ ପୁରସ୍କାର ବିଜୟିନୀ ପ୍ରତିଭା ରାୟ ଯୋଗଦେଇ କହିଲେ, ନାରୀ ସର୍ବଦା ଶାନ୍ତି ଚାହେଁ । ପ୍ରତି ଗୃହରେ ଯଦି ନାରୀ ଶକ୍ତି ବନ୍ଦନ ହୁଏ, ପୃଥିବୀର ଭାଗ୍ୟ ବଦଳିଯିବ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କ୍ରୀଡାବିତ୍ ଅନୁରାଧା ବିଶ୍ୱାଳ, ନୃତ୍ୟଶିଳ୍ପୀ ତଥା ଗୁରୁ ଅରୁଣା ମହାନ୍ତି ପ୍ରମୁଖ ଏହି ମହତ୍ୱାକାଂକ୍ଷୀ ଅଧିନିୟମକୁ ଯୁଗୋପଯୋଗୀ ବୋଲି ଦର୍ଶାଇଥିଲେ । ରାଜ୍ୟ ମହିଳା କମିସନ ଅଧକ୍ଷା ଶୋଭନା ମହାନ୍ତି ସ୍ୱାଗତ ଭାଷଣ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ ମୃଣାଳିନୀ ଦର୍ଶାଲ ଧନ୍ୟବାଦ ଦେଇଥିଲେ ।

ବ୍ରହ୍ମବରଦାରେ ବେଆଇନଭାବେ ଚାଲିଛି କାଠ ଡିପୋ : କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଂଚଳବାସୀ

ଧର୍ମଶାଳା,୧୭/୪(ନି/ପ୍ର): ଗଛ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ସଚେତନ କରାଯାଇବା ସହିତ ବନିକରଣ ନିମନ୍ତେ ବିଭିନ୍ନ ସ୍ଥାନରେ ଗଛ ଲଗାଯାଉଛି । ସେପଟେ ପ୍ରଶାସନ ପକ୍ଷରୁ ସେପରି କିଛି ପଦକ୍ଷେପ ନ ନେବାରୁ କାଠ ମାଫିଆଙ୍କ ଦୌରାତ୍ମ୍ୟ ବଅଢ଼ି ପାଇବାରେ ଲାଗିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବୈରୀ ବନବିଭାଗ ଅଧିନରେ ଥିବା ରସୁଲପୁର ବ୍ଲକ ଅଂଚଳରେ । ବେଧଡକଭାବେ ବେଆଇନଭାବେ କାଠ କଟା ଯାଉଥଇବା ବେଳେ ଛକ ବଜାରରେ ମୁନାଫାଖୋର ବ୍ୟବସାୟୀ ପ୍ରଶାସନକୁ ହାତବାରିସୀ କରି ମାଳମାଳ ଖୋଲାମେଲାରେ କାଠ ଡିପୋ କରି ବ୍ୟବସାୟ ଚଳାଇଛନ୍ତି । ଏହି ବ୍ଲକ ଅନ୍ତର୍ଗତ ଅବିଭକ୍ତ ବ୍ରହ୍ମବରଦା ଅଂଚଳରେ ଗୋଟିଏ ସ୍ଥାନରେ ସ୍ୱୀକୃତିପ୍ରାପ୍ତ କାଠ ଡିପୋ ରହିଥିବା ବେଳେ ବାକି ୫ଗୋଟି ସ୍ଥାନରେ ବେଆଇନଭାବେ କାଠ ଡିପୋ କରାଯାଇ ବେଧଡକ ଭାବେ ବ୍ୟବସାୟ କରି ଜନସାଧାରଣମାନଙ୍କୁ ଲୁଟିବାରେ ବ୍ୟସ୍ତ ରହୁଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି । ବ୍ୟବସାୟୀମାନେ ବିଭିନ୍ନ ଅଂଚଳରୁ ନାମୀଦାମୀ ଗଛ କାଟି ସେଗୁଡିକୁ ସ-ମିଲମାନଙ୍କରେ କାଟି ଘର ନିକଟରେ କାଠ ଡିପୋରେ ଶଗୁଆନ,ପିଆଶାଳ,ଶାଳ,ପୁଟିଆ,ଆମ୍ବ ଓ ପଣସ ମହଜୁଦ ରଖି ଗ୍ରାହକମାନଙ୍କୁ ଚଢା ଦରରେ ବିକ୍ରୀ କରିଥାନ୍ତି । ସେପଟେ ବନବିଭାଗକୁ ହାତ କରି ଏହି ବ୍ୟବସାୟ ନିତି ଦିନିଆରେ ପରିଣତ କଲେଣି । ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ଲୋକ ଦେଖାଣିଆଭାବେ ବ୍ୟବସାୟୀଙ୍କୁ ଆଗୁଆ ସୂଚନା ଦେଇ ଚଢାଉ କରୁଛନ୍ତି । ଆଗୁଆ ସୂଚନା ଦେବା ଫଳରେ ବ୍ୟବସାୟୀମାନେ ବନବିଭାଗ ଅଧିକାରୀ ଘଟଣାସ୍ଥଳରେ ପଂହଚିବା ପୂର୍ବରୁ ସେମାନେ କାଠ ଡିପୋ ବନ୍ଦ କରି ଦେଉଛନ୍ତି ।

କାରକୁ ପିଟିଲା କାର ; ୭ଯାତ୍ରୀ ଆହତ

ପାଟଣା,୧୭/୪(ନି/ପ୍ର): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ୪୯ ନମ୍ବର ଜାତୀୟ ରାଜପଥ ନିହୁଆଁ ଛକ ନିକଟ ହମ୍ପସରେ ରବିବାର ଅପରାହ୍ନରେ ଏକ କାର ପଛକୁ ଆଉ ଏକ କାର ଧକ୍କା ଦେଇଛି । ଫଳରେ ଉଭୟ ଗାଡିରେ ଥିବା ୭ଜଣ ଯାତ୍ରୀ ଆହତ ହୋଇଥିଲେ । ଆହତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରୋଗୀଯାନ ସହାୟତାରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି । ସେଠାରେ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡ଼ିଛି । ଆହତଙ୍କ ପରିଚୟ ମିଳି ପାରିନଥିବା ବେଳେ ସମ୍ବଲପୁରରୁ ବାରିପଦା ଏବଂ କେନ୍ଦୁଝରରୁ କରଞ୍ଜିଆକୁ ଯାଉଥିବା ସମୟରେ ଉଭୟ ଗାଡି ଦୁର୍ଘଟଣାର ଶିକାର ହୋଇଥିଲେ । ତୁରୁମୁଙ୍ଗା ପୁଲିସ ଘଟଣା ସ୍ଥଳରେ ପହଚିଂ ଘଟଣାର ତଦନ୍ତ କରୁଛି ।

ଡକ୍ଟର ମୁକ୍ତିକାନ୍ତ ନାୟକ ସମ୍ବର୍ଦ୍ଧିତ

ଘଟଗାଁ, ୧୭/୪(ନି/ପ୍ର): କେନ୍ଦୁଝର ଜିଲ୍ଲାର ଆରାଧ୍ୟା ଦେବୀ ମା ତାରିଣୀଙ୍କ୯୦ତମ ଚଇତି ପର୍ବର ଆଜି ଉଦଯାପିତ ଦିବସରେ ମା ତାରିଣୀ ଟ୍ରଷ୍ଟ ପକ୍ଷରୁସମ୍ବର୍ଦ୍ଧିତ କରାଯାଇଛି । ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ଘଟଗାଁ ଉନ୍ନୀତ ସ୍ୱାସ୍ଥ୍ୟ କେନ୍ଦ୍ରର ନିଯୁକ୍ତିପ୍ରାପ୍ତ ଚିକିତ୍ସାଧିକାର ସର୍ଜିକାଲ ସ୍ପେସାଲିଷ୍ଟ ଡକ୍ଟର ମୁକ୍ତିକାନ୍ତ ନାୟକ ମାତାରିଣୀଙ୍କ ୯୦ତମ ଚଇତି ପର୍ବରେ ୯ ଅପ୍ରିଲ ଠାରୁ ୧୫ ଅପ୍ରିଲ ୨୦୨୬ ପର୍ଯ୍ୟନ୍ତ ମା ତାରିଣୀଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତ ଭକ୍ତା ଓ ଜନସାଧାରଣଙ୍କୁ ଉତମ ସ୍ୱାସ୍ଥ୍ୟସେବା ନିଜତତ୍ୱାବଧାନରେ ମେଡିକାଲ ଷ୍ଟାଫଙ୍କୁନେଇ ସେବା ସୁଚାରୁ ରୂପେ ପରିଚାଳନା କରିଥିଲେ ।

କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ତୋରାଣୀପୋଖରୀ ପଚାଂୟତ ପୋଇପାଣି ଗାଁର ପ୍ରସିଦ୍ଧ ଚମ୍ପକେଶ୍ୱର ମହାଦେବ ପୀଠ ସଂଲଗ୍ନ ଚୋକାଦାର ପଡ଼ିଆରେ ମା' ବାଶୁଳୀ ଠାକୁରାଣୀଙ୍କ ଉଡ଼ାପର୍ବ ଅନୁଷ୍ଠିତ

ବିବିଧା

ନଡ଼ା କଳାକୃତିର କାରିଗର ବବିତା

ପିଲାଦିନେ ମା'ଙ୍କୁ ନଡ଼ା, ତୁଳା ଏବଂ ମାଟିରେ କଣ୍ଢେଇ, ଖେଳନା ଆଦି ପ୍ରସ୍ତୁତ କରିବାର ସେ ଦେଖିଥିଲେ । ଧୀରେ ଧୀରେ ଏଥିପ୍ରତି ତାଙ୍କ ରୁଚି ବଢ଼ିଥିଲା । ଫଳରେ ସେ ନଡ଼ାକୁ ନିଜର ଅସ୍ତ୍ର କରିଥିଲେ । ବିନା ପ୍ରଶିକ୍ଷଣରେ ସେ ନିଜର ସୃଜନଶୀଳତାକୁ ଉପଯୋଗ କରି ନଡ଼ାରୁ ନାରାୟଣ, ଗଣେଶ, ଲକ୍ଷ୍ମୀଙ୍କ ଭଳି ବହୁ ଦେବଦେବୀଙ୍କ କଳାକୃତି କରିଥିଲେ । ଏହାକୁ ବିଭିନ୍ନ ପ୍ରଦର୍ଶନୀ ତଥା ମେଳାରେ ବିକ୍ରିବଟା କରି ସ୍ୱାବଲମ୍ବୀ ହେବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି, ଖୋର୍ଦ୍ଧା ଜିଲ୍ଲାର ବବିତା ନାୟକ ।

୨୦୧୭ ମସିହାରୁ ଆରମ୍ଭ କଳାକୃତି

୨୦-୨୫ ବର୍ଷ ପୂର୍ବେ ସେ ନଡ଼ାରେ ବିଭିନ୍ନ କଳାକୃତି କରୁଥିଲେ । ହେଲେ ଏହାକୁ କିପରି ଏବଂ କେଉଁଠି ବିକ୍ରି କରିବେ ସେ ବାବଦରେ ତାଙ୍କର କୌଣସି ଧାରଣା ନ ଥିଲା । ଫଳରେ ସେ ୭୦ ବର୍ଷ ଏହି କାର୍ଯ୍ୟରୁ ବିରତି ନେଇଥିଲେ । ୨୦୧୭ ମସିହାରେ ଓଡ଼ିଶା ହସ୍ତଶିଳ୍ପ (ହାଣ୍ଡିକ୍ରାଫ୍ଟ) ସହଯୋଗ କ୍ରମେ ଏ ଦିଗରେ ଆଗେଇ ଥିଲେ । ଏହା ପରେ ସେ ବହୁ ପରୀକ୍ଷା ନିରୀକ୍ଷା କରି ନିଜର ନଡ଼ା କାରିଗର ଦକ୍ଷତାର ପରିଚୟ ଦେଇଥିଲେ । ଘରେ ପ୍ରସ୍ତୁତ କରୁଥିବା ଏହି ହସ୍ତଶିଳ୍ପକୁ ସେ ଲୋକଲୋଚନକୁ ଆଣିଥିଲେ । ଶିଶିର ସରସ, ଆଦିବାସୀ ମେଳା, ଜନମେଳ ତୋଷାଳୀ ମେଳାରେ ନିଜର ଷ୍ଟଲ ପକାଇଥିଲେ । ସେବେଠୁ ଏହି ବ୍ୟବସାୟ ଜାରି ରହିଛି ।

ନଡ଼ା କଳାକୃତିକୁ ଲୋକାଦୃତ

ବବିତାଙ୍କ କହିବାନୁଯାୟୀ ଅନେକେ ନଡ଼ାକୁ ଅଦରକାରୀ ଭାବନ୍ତି । ଏହା, କେବଳ ଚାଳଛପର, ଗାଈଖାଦ୍ୟ ଭାବେ ଉପଯୋଗ ହୋଇପାରିବ ବୋଲି ସେମାନଙ୍କ ଧାରଣା ଥାଏ । ହେଲେ ଏହା ସମ୍ପୂର୍ଣ୍ଣ ଭୁଲ୍ । କାଠ, ମାଟି ଭଳି ନଡ଼ାକୁ ଉପଯୋଗ କରି ପାରମ୍ପରିକ ହସ୍ତଶିଳ୍ପ ରୂପେ ସୁନ୍ଦର କଳାକୃତି କରିହେବ । ପୂର୍ବରୁ ନଡ଼ା କାରିଗର ଥିଲେ । ହେଲେ ଏବେ ନଡ଼ା କଳାକୃତି ଦେଖିବାକୁ ମିଳୁନି । ତେଣୁ ନଡ଼ା କଳାକୃତିକୁ ଲୋକାଦୃତ କରିବା ମୋର ଲକ୍ଷ୍ୟ ।

ପରିବେଶ ଅନୁକୂଳ ଏବଂ ଦୀର୍ଘସ୍ଥାୟୀ

ନଡ଼ା ହସ୍ତଶିଳ୍ପ ବା କଳାକୃତି ପରିବେଶ ଅନୁକୂଳ ହେବା ସହ ଦୀର୍ଘସ୍ଥାୟୀ ବୋଲି ବବିତା କୁହନ୍ତି । ଏହାକୁ ଠିକ୍ ଭାବେ ରକ୍ଷଣାବେକ୍ଷଣ କଲେ ଏହା ବର୍ଷ ବର୍ଷ ସଂରକ୍ଷିତ ରହିବ । ଏପରିକି ଗୋଟେ ଗୋଟେ କଳାକୃତି ୨୦ ବର୍ଷ, ୨୫ ବର୍ଷ ଧରି ମଧ୍ୟ ରହିଛି । ହେଲେ ଏହାକୁ ପ୍ରସ୍ତୁତ କରିବା ପ୍ରକ୍ରିୟା ଖୁବ୍ ଜଟିଳ । ଏଥିପାଇଁ ପ୍ରଥମେ ନଡ଼ାର ମଞ୍ଜିଅଂଶକୁ ବାହାର କରି ପାଣିରେ ସିଝା ଯାଏ । ପରେ ଖରାରେ ଶୁଖାଇ ହାତରେ ସିଧା କରାଯାଏ । ଏହାପରେ କାଗଜ ଉପରେ ପେଷ୍ଟ କରି ଏଥିରୁ ଏକ ପଟି ପ୍ରସ୍ତୁତ କରାଯାଏ । ଏହାରି ଉପରେ ଭଳିକି ଭଳି କଳାକୃତି କରଯାଏ । ଏହା ସମ୍ପୂର୍ଣ୍ଣ ରୂପେ ହାତରେ ପ୍ରସ୍ତୁତ କରାଯାଏ । ଏଥିପାଇଁ କୌଣସି ଯନ୍ତ୍ରପାତି ବ୍ୟବହାର ହୁଏ ନାହିଁ ।

ପାରିବାରିକ ସହଯୋଗ

ବିବାହ ପରେ ଏହି କଳାକୃତିରେ ତାଙ୍କୁ ଶ୍ୱଶୁର ଏବଂ ସ୍ୱାମୀ ଖୁବ୍ ସହଯୋଗ କରିଛନ୍ତି । ସେମାନଙ୍କ ପାଇଁ ସେ ଆଜି ଏହି ସ୍ଥାନରେ ପହଞ୍ଚିଥିବା କହିଛନ୍ତି । ତାଙ୍କ କଳାକୃତିକୁ ସେ ଏକ ନୂଆ ରୂପ ଦେଇଥିଲେ । ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ ଆଗକୁ ବଢ଼ିଛନ୍ତି । ଆଗାମୀ ଦିନରେ ନିଜର ଏକ ଗୋଷ୍ଠୀ ଗଠନ କରି ମହିଳାଙ୍କୁ ଏହି କଳା ଶିକ୍ଷା ଦେବାକୁ ଆଶା ରଖିଛନ୍ତି ।

ପାଦକୁ ସୁନ୍ଦର ପଥରବସା ମୁଦି

ବିବାହିତ ମହିଳାମାନେ ଗୋଡ଼ମୁଦି ପିନ୍ଧିଥାନ୍ତି । ଏହା ସୌଭାଗ୍ୟର ପ୍ରତୀକ ଭାବେ ଜଣାଯାଏ । ମହିଳାମାନେ ସ୍ୱାମୀଙ୍କ ଦୀର୍ଘାୟୁ ତଥା ସୁରକ୍ଷା ପାଇଁ ଏହି ମୁଦି ପିନ୍ଧିଥାନ୍ତି । ତେବେ ପାଦର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା କରିବାକୁ ଚାହୁଁଥିଲେ, ଏବେ ପଥରବସା ମୁଦି ପିନ୍ଧିପାରିବେ ।

- ରୂପା ସବୁଜ ଷ୍ଟୋନ୍ ମୁଦି ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ଏହାକୁ କମ୍ ମୂଲ୍ୟରେ ସହଜରେ କିଣାଯାଇ ପାରିବେ । ଏହା ବିଶେଷ କରି ନବ ବିବାହିତା ମହିଳାଙ୍କୁ ବେଶୀ ସୁନ୍ଦର ମାନିଥାଏ ।
- ଗ୍ଲୋଲ୍ଡ ପ୍ଲେଟେଡ ମୁଦି ମଧ୍ୟ ପାଦ୍ଗୁଳିକୁ ଖୁବ୍ ସୁନ୍ଦର ଦେଖାଯାଏ । ଏହାକୁ ଯେ କୌଣସି ଆଉଟ୍‌ଫିଟ୍‌ରେ ସହଜରେ ପିନ୍ଧିପାରିବେ ।
- ମିନିମାଲ୍ ଲୁକ୍ ପସନ୍ଦ ଥିଲେ, ମିନିମାଲ୍ ଡିଜାଇନର୍ ମୁଦି ପିନ୍ଧିପାରିବେ । ଏଥିରୁ ସୁନ୍ଦର ଏବଂ ଆକର୍ଷଣୀୟ ଲୁକ୍ ମିଳିଥାଏ । ସେହିପରି ଗ୍ରୀନ୍ ଷ୍ଟୋନ୍ ମୁଦି ପିନ୍ଧିଲେ ପାଦର ସୌନ୍ଦର୍ଯ୍ୟ ବଢ଼ିଥାଏ । ଏହି ଡିଜାଇନ୍ ଖୁବ୍ ସହଜରେ ମଧ୍ୟ କରିପାରିବେ ।
- ଏହା ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଉପଲବ୍ଧ । ଏ ପ୍ରକାର ଡିଜାଇନ, ବିବାହ, ପାର୍ଟି, ଫଙ୍କସନ୍ ଆଦି ସ୍ଥାନକୁ ପିନ୍ଧି ଯାଇପାରିବେ ।



ରେଜର୍‌ରେ ସେଭ୍ କରୁଥିଲେ ...

ତ୍ୱଚାରୁ ଅଦରକାରୀ କେଶ ହଟାଇବା ପାଇଁ ମହିଳାମାନେ ରେଜର୍‌ରେ ସେଭିଙ୍ଗ୍ କରିଥାନ୍ତି । ଏହା ତ୍ୱଚାରୁ ଅଦରକାରୀ କେଶ କାଢ଼ି ତ୍ୱଚାକୁ ଉଜ୍ଜ୍ୱଳ କରିଥାଏ । ଏଥିସହ ତ୍ୱଚାରେ ଥିବା ମୃତ କୋଷ କମ୍ କରିଥାଏ । ସାଧାରଣତଃ ମୁହଁର ତ୍ୱଚା ଖୁବ୍ ସମ୍ବେଦନଶୀଳ ହୋଇଥାଏ । ତେଣୁ ଫେସ୍ ରେଜର୍ ବ୍ୟବହାର କରୁଥିଲେ ବିଶେଷ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

ରେଜର୍ ଚୟନ

ତ୍ୱଚା ପାଇଁ ପ୍ରସ୍ତୁତ ନିର୍ଦ୍ଦିଷ୍ଟ ଫେସିଆଲ୍ ରେଜର ବ୍ୟବହାର କରନ୍ତୁ । ଏଥିରେ ଏକ ଛୋଟ ସୂକ୍ଷ୍ମ ବ୍ଲେଡ୍ ଥାଏ । ତେଣୁ ସର୍ବଦା ବ୍ୟବହାର ପୂର୍ବରୁ ରେଜର୍ ବ୍ଲେଡ୍ ଧାର ଅଛି କି ନାହିଁ ଦେଖିବା ଜରୁରୀ ।

ପୂର୍ବ ପ୍ରସ୍ତୁତି

ଶୁଖିଲା ତ୍ୱଚାରେ ରେଜର୍ ନ ଲଗାଇବା ଭଲ । ଏଥିରେ କଟିବା ଏବଂ ପୋଡ଼ାଜଳା ହେବାର ଆଶଙ୍କା ଥାଏ । ଏଥିପାଇଁ ସର୍ବ ପ୍ରଥମେ ତ୍ୱଚାକୁ ମାଇଲ୍ଡ ଫେସ୍‌ୱାସ୍‌ରେ ସଫା କରନ୍ତୁ । ସେହିପରି ସେଭିଙ୍ଗ୍‌କୁ ସହଜ କରିବା ପାଇଁ ତ୍ୱଚାରେ ଆଲୋଭେରା ଜେଲ୍, ଫେସିଆଲ୍ ଫୋମ୍ କିମ୍ବା ଭଲ ମଏଶ୍ଚରାଇଜର୍ ଲଗାଇପାରିବେ ।

ସେଭିଙ୍ଗର ଠିକ୍ ଉପାୟ

- ରେଜରକୁ ତ୍ୱଚାରେ ସର୍ବଦା ୪୫ ଡିଗ୍ରୀ ଆଙ୍ଗେଲ୍‌ରେ ରଖିବା ଜରୁରୀ ।
- ଏହାକୁ ଜୋରରେ ନ ଚାପି, ହାଲୁକା ହାତରେ ଧୀରେ ଧୀରେ ସେଭ୍ କରିବା ଉଚିତ୍ ।
- ସେଭ୍ କରିବା ସମୟରେ ହାତରେ ତ୍ୱଚାକୁ ଟାଣି ରଖନ୍ତୁ । ଏହାଦ୍ୱାରା ସେଭିଙ୍ଗ୍ ସୁବିଧା ହୋଇଥାଏ ।

ସେଭିଙ୍ଗ୍ ପରବର୍ତ୍ତୀ ଯତ୍ନ

- ସେଭିଙ୍ଗ୍ ପରେ ତ୍ୱଚାକୁ ଥଣ୍ଡା ପାଣିରେ ଧୁଅନ୍ତୁ । ଏହାଦ୍ୱାରା ତ୍ୱଚାକୁ ଆରାମ ମିଳିଥାଏ ।
- ସେଭିଙ୍ଗ୍ କରିବା ଦିନ କୌଣସି ପ୍ରକାର ଭିଟାମିନ୍ ସି ତଥା କୌଣସି ପ୍ରକାର କେମିକାଲ୍ ଏକ୍ସଫୋଲିଏଣ୍ଟ ନ ନେବା ଜରୁରୀ । ଏହା ତ୍ୱଚାରେ ଜ୍ୱଳନ ସମସ୍ୟା ସୃଷ୍ଟି କରିପାରେ ।
- ଏକ ହାଇଡ୍ରେଟିଙ୍ଗ୍ ଜେଲ୍ ତଥା ମଏଶ୍ଚରାଇଜର୍ ଲଗାନ୍ତୁ ।

ହିଟ୍ ପ୍ରୁଫ୍ ମେକ୍‌ଅପ୍

ଖରା, ଗରମ ଋତୁରେ ମେକ୍‌ଅପ୍‌କୁ ଦୀର୍ଘ ସମୟ ରଖିବା ଖୁବ୍ କଷ୍ଟକର ହୋଇଥାଏ । କାରଣ ଗରମ, ଝାଳ ଯୋଗୁଁ କମ୍ ସମୟରେ ତ୍ୱଚା ତେଲିଆ ହୋଇଯାଏ । ଏଥିସହ ମେକ୍‌ଅପ୍ ମଧ୍ୟ ବହିଯାଏ । ତେଣୁ ଖରା, ଝାଳରୁ ମେକ୍‌ଅପ୍‌କୁ ସୁରକ୍ଷା ଦେବାକୁ ଚାହୁଁଥିଲେ, ହିଟ୍ ପ୍ରୁଫ୍ ମେକ୍‌ଅପ୍ କରିପାରିବେ । ଏହା ବେଶ୍ ହାଲୁକା ହେବା ସହ ଦୀର୍ଘ ସମୟ ରହିଥାଏ ।

ମେକ୍‌ଅପ୍ ପୂର୍ବରୁ

ଏଥିପାଇଁ ତ୍ୱଚାକୁ ପ୍ରଥମେ ଫେସ୍‌ୱାସ୍ କରନ୍ତୁ । ଏହାପରେ ହାଲୁକା ଜେଲ୍ ବେସ୍‌ଡ ମଏଶ୍ଚରାଇଜର୍ ଲଗାନ୍ତୁ । ଏହାଦ୍ୱାରା ତ୍ୱଚା ହାଇଡ୍ରେଟ୍ ରହିଥାଏ । ଏହାପରେ ସନ୍‌ସ୍କ୍ରିନ୍ ଲଗାନ୍ତୁ । ଏହା ତ୍ୱଚାକୁ ଖରାରୁ ସୁରକ୍ଷା ଦେଇଥାଏ ।

ପ୍ରାଇମର୍

ପ୍ରାଇମର୍ ମେକ୍‌ଅପ୍ ସେଟ୍ କରିବାରେ ସହାୟକ ହୋଇଥାଏ । ଏଥିପାଇଁ ପ୍ରାଇମର୍ ସ୍ପ୍ରେ କିମ୍ବା କ୍ରିମ୍ ନେଇ ମୁହଁ, ତ୍ୱଚା, ନାକ, ଗାଲ ଏବଂ ମଥାରେ ଲଗାନ୍ତୁ । ଏହାକୁ ମୁହଁରେ ନ ଘଷି ହାଲୁକା ହାତରେ ଦବାନ୍ତୁ ।

ଲାଇଟ୍ ମେକ୍‌ଅପ୍

ଗରମରେ ଅଧିକ ଫାଉଣ୍ଡେସନ୍ ଲଗାଇବାରୁ ଦୂରେଇ ରୁହନ୍ତୁ । ଏଥିପାଇଁ ଫାଉଣ୍ଡେସନ୍‌କୁ ତ୍ୱଚାରେ ଡଟ୍ ଡଟ୍ କରି ଲଗାନ୍ତୁ । ଏହାକୁ ସ୍ପଞ୍ଜରେ ଛାପି ତ୍ୱଚାରେ ମିଶାନ୍ତୁ । ସେହିପରି ସ୍ପଞ୍ଜରେ ଲଗାଇଲେ ମଧ୍ୟ ମେକ୍‌ଅପ୍ ଦୀର୍ଘ ସମୟ ରହିଥାଏ । ଝାଳରେ ମଧ୍ୟ ଧୋଇ ହୁଏନି ।

କନ୍‌ସିଲରକୁ କଣ୍ଟ୍ରୋଲ୍

ସେହିପରି ଆଖି, ନାକ, ତଳେ କଳା କିମ୍ବା ନାଲି ଦାଗ ଥିଲେ, କନ୍‌ସିଲର୍ ଲଗାଇ ଏହାକୁ ବ୍ଲେଣ୍ଡ କରନ୍ତୁ । ସ୍ପଞ୍ଜ କିମ୍ବା ଅଙ୍ଗୁଳିରେ ହାଲୁକା ପ୍ରେସ୍ କରନ୍ତୁ । ଏପରି କଲେ କୌଣସି ପ୍ୟାଚ୍ ହୋଇ ନ ଥାଏ ।

ବ୍ଲଶ୍

କ୍ରିମ୍ ବ୍ଲଶ୍ ତୁଳନାରେ ପାଉଡର୍ ବ୍ଲଶ୍ ଖୁବ୍ ଲାଭଦାୟ ହୋଇଥାଏ । ତେଣୁ ଅଳ୍ପ ହସି ଗାଲର ଉପର ଭାଗରେ ବ୍ଲଶ୍ ଲଗାନ୍ତୁ । ସେହିପରି ଚାହିଁଲେ, ସାମାନ୍ୟ ବ୍ରୋଞ୍ଜର ମଧ୍ୟ ବ୍ୟବହାର କରିପାରିବେ ।

ହିଟ୍ ପ୍ରୁଫ୍ ଆଇ ମେକ୍‌ଅପ୍

ଆଖିରେ ହାଲୁକା ନ୍ୟୁଡ୍ ଏବଂ ବ୍ରାଉନ ମ୍ୟାଟ୍ ଆଇସ୍ୟାଡୋ ଲଗାନ୍ତୁ । ସେହିପରି ଉପର ଲ୍ୟାସ୍ ଲାଇନ୍‌ରେ ପତଳା ୱାଟରପ୍ରୁଫ୍ ଲାଇନର ଲଗାନ୍ତୁ । ୱାଟର୍ ପ୍ରୁଫ୍ ମସ୍କାରା ଆଖିପତାରେ ଲଗାନ୍ତୁ ।

କିମୋନୋ ଟପ୍‌ରେ ଦିଶିବେ ସୁନ୍ଦର

କିମୋନୋ ଷ୍ଟାଇଲ୍ ଟପ୍ ଏକ ଜାପାନୀ ପାରମ୍ପରିକ ପୋଷାକ ଭାବେ ପରିଚିତ । ଏହା ଏବେ ଭାରତୀୟ ଯୁବତୀଙ୍କ ମଧ୍ୟରେ ଲୋକପ୍ରିୟ ରହିଛି । ବଜାରରେ ବିଭିନ୍ନ ଡିଜାଇନ୍‌ର କିମୋନୋ ଟପ୍ ଉପଲବ୍ଧ । ତେବେ ଏହି ଟପ୍‌କୁ କିପରି ଷ୍ଟାଇଲ୍ କରିବେ ଜାଣିବା ସେ ବିଷୟରେ...

ଜିନ୍ସ

କିମୋନୋ ଟପ୍ ସହ ଜିନ୍ସ ଖୁବ୍ ସୁନ୍ଦର ମାନିଥାଏ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ । ଏହାକୁ ଆଉଟିଂ କିମ୍ବା ପାର୍ଟି ଫଙ୍କସନ୍‌ରେ ପିନ୍ଧିପାରିବେ । ସେହିପରି ଚାହିଁଲେ ନୀଳ, କଳା ଅବା ଧଳା ପ୍ୟାଣ୍ଟ ସହ ଏହି ହାଲୁକା ରଙ୍ଗର ଟପ୍ ପିନ୍ଧିପାରିବେ ।

ସ୍କର୍ଟ

ଭିନ୍ନ ତଥା ନିଆରା ଦିଶିବାକୁ ଚାହୁଁଥିଲେ କିମୋନୋ ଟପ୍ସ ସହ ସ୍କର୍ଟ ପିନ୍ଧିପାରିବେ । ଏଥିରୁ ଜାପାନୀ ପାରମ୍ପରିକ ଲୁକ୍ ମିଳିଥାଏ । ଧଳା ରଙ୍ଗର ଲମ୍ବା ସ୍କର୍ଟ ସହ ହାଲୁକା ରଙ୍ଗର ଟପ୍ସ ଖୁବ୍ ସୁନ୍ଦର ଦିଶିଥାଏ । ସେହିପରି ଚାହିଁଲେ ପ୍ଲେଟେଡ୍ ସ୍କର୍ଟ ସହ ପିନ୍ଧିପାରିବେ ।

ଡେନିମ୍ ସର୍ଟ

ଖରାଦିନେ ଶରୀରକୁ ଥଣ୍ଡା ତଥା ଷ୍ଟାଇଲିଶ୍ ଦିଶିବାକୁ ଚାହୁଁଥିଲେ, ଡେନିମ୍ ସର୍ଟ ଭଲ ବିକଳ୍ପ ହୋଇଥାଏ । ଏହି ବଟମ୍‌ୱେୟାର ସହ କିମୋନୋ ଟପ୍ସ ଭଲ ମାନିଥାଏ । ତେଣୁ ଚାହିଁଲେ ଏହାକୁ ଯେ କୌଣସି ଡେନିମ୍ ସହ ପିନ୍ଧିପାରିବେ ।



ଘନ କେଶ ପାଇଁ ଚା'

ସାଧାରଣତଃ କେଶଝଡ଼ାକୁ ନେଇ ସମସ୍ତେ ଚିନ୍ତାରେ ଥାନ୍ତି । ଏଥିପାଇଁ ଅନେକ ଦାମୀ ପ୍ରସାଧନ ଲଗାଇଥାନ୍ତି । ଚାହିଁଲେ ଘରେ ଥିବା ଚା'କୁ ବ୍ୟବହାର କରି କେଶର ଯତ୍ନ ନେଇପାରିବେ । ଏହା କେଶମୂଳ ମଜବୁତ୍ କରିଥାଏ । ଏଥିସହ କେଶରେ ଅତ୍ୟଧିକ ତେଲ, ରୁପି ସହ କେଶଝଡ଼ା ରୋକିଥାଏ ।

- ଚା'ରେ କ୍ୟାଫିନ୍ ରହିଥାଏ । ଏହା କେଶରେ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ । ଏହାଦ୍ୱାରା କେଶବୃଦ୍ଧି ହୋଇଥାଏ । ଏଥିସହ କେଶରେ ହରମୋନ୍ ଡି ଏଚ୍‌ଟିକୁ ବଢ଼ାଇ ରଖିଥାଏ ।
- ଏଥିପାଇଁ ପ୍ରଥମେ ଏକ ବାଉଲ୍‌ରେ ପାଣି ଗରମ କରନ୍ତୁ । ଏହାପରେ ଏଥିରେ ଏକ ଚା' ପ୍ୟାକେଟ୍ ପକାଇ ଫୁଟାନ୍ତୁ । ପରେ ଏହାକୁ ଥଣ୍ଡା କରି ଏକ ସ୍ପ୍ରେ ବୋତଲରେ ଛାଣି ରଖନ୍ତୁ ।
- ସେହିପରି ନାଲି ଚା'ରେ କେଶ ଧୋଇବାକୁ ଚାହୁଁଥିଲେ, ପ୍ରଥମେ କେଶକୁ ସାମ୍ପୁ ଲଗାଇ ସଫା କରନ୍ତୁ । ଏହାପରେ ଟାଉଲ୍‌ରେ କେଶକୁ ହାଲୁକା ଶୁଖାନ୍ତୁ । ଏହାପରେ ଓଦା କେଶରେ ଏହି ଚା' ଲଗାନ୍ତୁ । ଏହାକୁ ସିଧାସଳଖ ସ୍କାଲ୍ପରେ ଲଗାନ୍ତୁ ନାହିଁ । ଏପରି କଲେ କେଶମୂଳକୁ କ୍ଷତି ପହଞ୍ଚାଇଥାଏ । ସପ୍ତାହକୁ ଦୁଇ ତିନି ଥର ଲଗାଇଲେ ଏଥିରୁ ସୁଫଳ ମିଳିଥାଏ ।

ମୋ ରୋଷେଇଘରୁ...

ସୋୟାବିନ୍ କାଳିଆ

ଆବଶ୍ୟକ ସାମଗ୍ରୀ

ସୋୟାବିନ୍ ୨୦୦ଗ୍ରାମ୍, କଟା ପିଆଜ – ଏକ କପ୍, ଦହି – ଏକ କପ୍, ବେସନ-ଦୁଇ ଚାମଚ, ଅଦା ରସୁଣ ପେଷ୍ଟ – ଏକ ଚାମଚ, କଟା କଞ୍ଚାଲଙ୍କା– ଦୁଇଟି, ହଳଦୀଗୁଣ୍ଡ– ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଧନିଆ ଗୁଣ୍ଡ – ଏକ ଚାମଚ, ଗୋଟା ଜିରା – ଏକ ଚାମଚ, ତେଜପତ୍ର – ଦୁଇଟି, ଶୁଖିଲା ଲଙ୍କା – ଦୁଇଟି, ଗରମ ମସଲା – ଏକ ଚାମଚ, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଗରମ ପାଣିରେ ସୋୟାବିନ୍ ଦେଇ ବତୁରାନ୍ତୁ । ଏହାକୁ ଛାଣି ଏକ ପାତ୍ରରେ ରଖନ୍ତୁ । ଏହାପରେ ଏକ କପ୍ ଦହି, ଅଦାରସୁଣ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ସହ ବେସନ ଦେଇ ଗୋଳାନ୍ତୁ । କଡ଼ାଇରେ ତେଲ ବସାଇ ତେଲ ଦିଅନ୍ତୁ । ଏଥିରେ ତେଜପତ୍ର, ଶୁଖିଲା ଲଙ୍କା, ଜିରା, ଗୋଟା ଧନିଆ, ପିଆଜ ଦେଇ ଭାଜନ୍ତୁ । ସାମାନ୍ୟ ଲାଲି ହୋଇଗଲେ, କଟା ଅଦା ରସୁଣ ଦେଇ ଗୁଣ୍ଡ ମସଲା ଦିଅନ୍ତୁ । ଏହାପରେ ସୋୟାବିନ୍‌କୁ ଦେଇ ଭଲରେ କଷନ୍ତୁ । ଏଥିରେ ଗରମ ପାଣି ଦେଇ ଲୁଣ, ଟମାଟୋ ସସ୍ ଏବଂ ଲଙ୍କା ଗୁଣ୍ଡ ଦିଅନ୍ତୁ । ଶେଷରେ ଗରମ ମସଲା ଦେଇ ପରଷନ୍ତୁ ସ୍ୱାଦିଷ୍ଟ 'ସୋୟାବିନ୍ କାଳିଆ' ।



ଉତ୍କଳ ସମାଚାର

ସମ୍ପାଦକୀୟ...

ଶନିବାର ୧୮ ଏପ୍ରିଲ ୨୦୨୬

ସାହସୀ ଗୁଣିଆ

ଏହି ସଂଦର୍ଭରେ ବିରୋଧୀ ଦଳ ପ୍ରଶ୍ନ କରିଥାଆନ୍ତି ଯେ ମାମଲାର ଶୁଣାଣି କାଳୀନ ତର୍କ-ବିତର୍କରୁ ଟ୍ରମ୍ପଙ୍କ ବିରୋଧରେ ରାୟ ଆସିବାର ସମ୍ଭାବନା ଥିଲା ବେଳେ ଭାରତ ସରକାର ରାୟକୁ ଅପେକ୍ଷା ନ କରି ତରବରିଆ ଭାବେ ବାଣିଜ୍ୟ ଚୁକ୍ତିରେ ଆବଦ୍ଧ ହେଲେ କାହିଁକି ? ଏହାର ଉତ୍ତର ବୋଧହୁଏ ଏହା ଯେ ନଅ ଜଣ ବିଚାରପତିଙ୍କ ମଧ୍ୟରୁ ଛଅ ଜଣ ରିପବ୍ଲିକାନ ସମର୍ଥକ ହୋଇଥିବାରୁ ରାୟ ଯେ ଟ୍ରମ୍ପଙ୍କ ବିରୋଧରେ ଆସିବ, ସେ ନେଇ ସରକାର ନିଶ୍ଚିତ ହୁଅନ୍ତେ ବା କିପରି ? ଗଲା ଶନିବାର ଦିନ ଯୁକ୍ତରାଷ୍ଟ୍ର ଆମେରିକାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରା ପ୍ରଦତ୍ତ ଏକ ରାୟ ସେଠାକାର ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ସକାଶେ ଅତ୍ୟନ୍ତ ନିରାଶାଜନକ ହୋଇଥିଲେ ହେଁ ସମଗ୍ର ପୃଥିବୀକୁ ଆଶ୍ୱସ୍ତ କରିଛି । ସୁପ୍ରିମ କୋର୍ଟର ଏକ ନଅ ଜଣିଆ ବିଚାରପତିଙ୍କ ବେଂଚରେ ଛଅ ଜଣଙ୍କ ସମ୍ମତିରେ ଆସିଥିବା ନିଷ୍ପତିଟି ସ୍ପଷ୍ଟ କରି ଦେଇଛି ଯେ ଯେଉଁ 'ଏକଜିକ୍ୟୁଟିଭ' କ୍ଷମତାର ପ୍ରୟୋଗ କରି ସ୍ୱେଚ୍ଛାଚାରୀ ଟ୍ରମ୍ପ ବିଭିନ୍ନ ରାଷ୍ଟ୍ର ଉପରେ ଅଯୌକ୍ତିକ ଓ ଅହେତୁକ ଆମଦାନି ଶୁଳ୍କ ଲଗାଇ ଚାଲିଥିଲେ, ତାହା ଅସାଂବିଧାନିକ; ସୁତରାଂ ଅବୈଧ ମଧ୍ୟ । ଦ୍ୱିତୀୟ ପାଳିରେ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପ ମହାଶୟ ପ୍ରାୟ ବର୍ଷକ ଧରି କିଭଳି ବାଣିଜ୍ୟ ଶୁଳ୍କ ବା 'ଟାରିଫ'କୁ ଏକ ଅସ୍ତ୍ର ରୂପେ ବ୍ୟବହାର କରି ଆନ୍ତର୍ଜାତିକ ରାଜନୀତି, ରଣନୀତି ଓ କୂଟନୀତିର ପରଂପରା ଓ ସଂପର୍କର ଭାରସାମ୍ୟକୁ ନଷ୍ଟଭ୍ରଷ୍ଟ କରିବାରେ ଲାଗିଥିଲେ, ତାହା ସର୍ବଜନ ବିଦିତ । ତେବେ, ସୁପ୍ରିମ କୋର୍ଟଙ୍କ ଏହି ନିଷ୍ପତି ଗୋଟିଏ ଅଙ୍କୁଶ ତୁଲ୍ୟ ମତ୍ତ ହସ୍ତୀଟିଏକୁ ଆୟତ୍ତକୁ ଆଣିବାର ଉଦ୍ୟମରେ ସୀମିତ ହୋଇ ନ ଥାଏ; ଏଥିରୁ ମିଳିଥିବା ଅନ୍ୟ କେତେକ ସଂକେତ ଅଧିକ ପ୍ରଣିଧାନଯୋଗ୍ୟ । ପ୍ରକାଶ ଥାଉ କି ଯେଉଁ ଆଇନକୁ ଅବଲମ୍ବନ କରି ଟ୍ରମ୍ପ ବିଭିନ୍ନ ଦେଶ ଉପରେ ହାହାକାର ସୃଷ୍ଟିକାରୀ ଟାରିଫ ଲଦିବାରେ ପ୍ରବୃତ ହୋଇଥିଲେ, ତାହା ହେଉଛି ୧୯୭୭ ମସିହାରେ ପ୍ରଚଳିତ ହୋଇଥିବା 'ଇଂଟରନେସନାଲ ଏମର୍ଜେନ୍‌ସି ଇକୋନୋମିକ ପାୱାର ଆକ୍ଟ' ବା ସଂକ୍ଷେପରେ 'ଆଇ.ଇ.ଇ.ପି.ଏ.'; ଯାହାକୁ କେବଳ ଯୁଦ୍ଧର ଘନଘଟା ବା ତୀବ୍ର ଆର୍ଥିକ ଆହ୍ୱାନ ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର 'ଏକଜିକ୍ୟୁଟିଭ' କ୍ଷମତା ରୂପେ ବ୍ୟବହାର କରାଯାଇପାରେ । କହିବା ଅନାବଶ୍ୟକ ଯେ ସଂପ୍ରତି ସେଭଳି କୌଣସି ପରିସ୍ଥିତି ସୃଷ୍ଟି ହୋଇନାହିଁ, ଯଦ୍ଦ୍ୱାରା ଟ୍ରମ୍ପ ଏଭଳି ଏକ ଅବାଧ କ୍ଷମତାଧାରୀ ସ୍ୱତନ୍ତ୍ର ଆଇନର ଉପଯୋଗ କରନ୍ତେ । କେବଳ ସେତିକି ନୁହେଁ, ଟ୍ରମ୍ପ ଏହାକୁ ଏକ ଅସ୍ତ୍ର ରୂପେ ଦେଖାଇ ଅନେକ ରାଷ୍ଟ୍ରଙ୍କ ସାର୍ବଭୌମତ୍ୱ ଅତିକ୍ରମ କରିବାରେ ମଧ୍ୟ ବ୍ୟାପୃତ ହୋଇଥିଲେ; ଦୃଷ୍ଟାନ୍ତ ସ୍ୱରୂପ ରୁଷିଆ ଠାରୁ ଖଣିଜ ତୈଳ ଖର୍ଦ୍ଦି ନ କରିବାକୁ ଭାରତକୁ ବାଧ୍ୟ କରିବା କିମ୍ବା ଗ୍ରୀନଲାଣ୍ଡ ଅଧିକାର କରିନେବା ଲାଗି ଡେନମାର୍କକୁ ଧମକ ଦେବା ଅଥବା କାନାଡାକୁ ଆମେରିକାର ଏକ ପ୍ରଦେଶରେ ପରିଣତ କରିବା ନେଇ ଆଗ୍ରହାତିଶଯ୍ୟ ଦେଖାଇବା । ଖୁବ୍ ସମ୍ଭବ ଯେ ଟ୍ରମ୍ପଙ୍କ ଏଭଳି ମୂଢ଼ତାପୂର୍ଣ୍ଣ ଆଚରଣ ଦ୍ୱାରା ଆମେରିକାର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି ବୋଲି ସୁପ୍ରିମ କୋର୍ଟର ବିଚାରପତିମାନଙ୍କ ହୃଦ୍‌ବୋଧ ହୋଇଥିବ; ନଚେତ ସେହି ବେଂଚର ନଅ ଜଣ ବିଚାରପତିଙ୍କ ମଧ୍ୟରୁ ଛଅ ଜଣ ରିପବ୍ଲିକାନ ଦଳର ସୁପାରିସ କ୍ରମେ ନିଯୁକ୍ତି ପାଇଥିଲେ ହେଁ ତହିଁରୁ ତିନି ଜଣ ଟ୍ରମ୍ପଙ୍କ ବିରୋଧରେ ଯାଇ ନ ଥାଆନ୍ତେ ! ଦକ୍ଷିଣପନ୍ଥୀ ଓ ତୀବ୍ର ଜାତୀୟତାବାଦୀ ଟ୍ରମ୍ପ ତାଙ୍କ ସ୍ୱଭାବ ସୁଲଭ ଢଙ୍ଗରେ ସଂପୃକ୍ତ ବିଚାରପତିମାନଙ୍କୁ ନିର୍ବୋଧ ଏବଂ ଦେଶପ୍ରେମ-ବିରହିତ ବୋଲି ଭର୍ତ୍ସନା କରିଛନ୍ତି । ତେବେ, ଟ୍ରମ୍ପଙ୍କ ପ୍ରଳାପ ସତ୍ତ୍ୱେ ଏଭଳି ଦାମ୍ଭିକ ନିଷ୍ପତି ଯେ ନ୍ୟାୟପାଳିକାର ଗରିମା ବୃଦ୍ଧି କରିବା ସହିତ ଗଣତନ୍ତ୍ରର ଅକ୍ଷୟ ଉର୍ଜାକୁ ସାବ୍ୟସ୍ତ କରିଛି, ଏଥିରେ ଦ୍ୱିରୁକ୍ତି ନାହିଁ । ଉଲ୍ଲେଖଯୋଗ୍ୟ ଯେ ଟ୍ରମ୍ପଙ୍କ ସୃଷ୍ଟ ଟାରିଫ ଯୁଦ୍ଧ ପରେ ଆମେରିକାର ଅନ୍ତତଃ ୧୨ଟି ପ୍ରଦେଶର ବିଭିନ୍ନ ଅଦାଲତରେ ମାମଲା ଦେଖିବାକୁ ମିଳିଥିଲା, ଯହିଁରୁ ୫ ଜଣ କ୍ଷୁଦ୍ର ବ୍ୟବସାୟୀଙ୍କ ଦ୍ୱାରା ସର୍ବୋଚ୍ଚ ଅଦାଲତରେ ଆଗତ ମାମଲା ହେଉଛି ପ୍ରମୁଖ, ଯାହାକୁ ସେମାନଙ୍କ ପକ୍ଷରୁ ଲଢ଼ିଥିଲେ ଜଣେ ପ୍ରବାସୀ ଭାରତୀୟ ବଂଶଜ ଓକିଲ ନୀଲ ଏସ. କାତ୍ୟାଲ । ସମଗ୍ର ପୃଥିବୀକୁ ଶୀତଳ କରିଥିବା ଅଦାଲତୀ ନିଷ୍ପତି ସକାଶେ କାତ୍ୟାଲଙ୍କ ଚମତ୍କାର ତର୍କ ହିଁ ଭୂମିକା ପ୍ରସ୍ତୁତ କରିଥିଲା । ମାମଲାରେ ବିଜୟ ଲାଭ କରିବା ପରେ ନୀଲ କାତ୍ୟାଲ ତାଙ୍କ 'ଏକ୍‌ସ' ବାର୍ତାରେ ଯାହା କହିଛନ୍ତି, ତା'ର ମର୍ମାର୍ଥ ହେଲା ଏହା ହେଉଛି ସେଭଳି ଏକ ରାୟ ଯାହା ଏକ ମହାନ ଗଣତନ୍ତ୍ରରେ ସମ୍ଭବ, ଯେଉଁଠି ଏକାଧିପତ୍ୟକୁ ନିୟନ୍ତ୍ରଣ କରି ସମତୁଲତା ପ୍ରଦାନ କରିବାର ବ୍ୟବସ୍ଥା ଅତ୍ୟନ୍ତ ସୁଦୃଢ଼ । ଏବଂ ପ୍ରବାସୀମାନଙ୍କୁ ପଲ୍ଲବିତ କରି ତଦ୍ଦ୍ୱାରା ସ୍ୱୟଂ ପରିପୁଷ୍ଟ ହୋଇଥିବା ଏହି ରାଷ୍ଟ୍ରରେ ଏଭଳି ବିଜୟ ଆକାଂକ୍ଷିତ । କହିବା ବାହୁଲ୍ୟ, ଏକଛତ୍ରବାଦୀ ଟ୍ରମ୍ପଙ୍କ ବିରୋଧରେ ପାଂଚ କ୍ଷୁଦ୍ର ବ୍ୟବସାୟୀ ଛିଡ଼ା ହେବା ଓ ଟ୍ରମ୍ପଙ୍କ ଆଗ୍ରହରେ ସଂପ୍ରତି ସେଠାରେ ପ୍ରବାସୀମାନଙ୍କ ମୂଳୋତ୍ପାଟନ, ବିତାଡ଼ନ ଓ ନିଷ୍ପେଷଣ ଅତ୍ୟନ୍ତ ଉତ୍କଟ ହୋଇଥିବା ବେଳେ ନୀଲ କାତ୍ୟାଲ ମକଦ୍ଦମା ଲଢ଼ିବା ଭଳି ବିଷୟ କେବଳ ସେମାନଙ୍କ ସାହସର ପରଚୟ ହୋଇ ନ ଥାଏ, ସେଠାକାର ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ସେମାନଙ୍କ ଆସ୍ଥାର ପ୍ରମାଣ ମଧ୍ୟ ହୋଇଥାଏ । ଅଦାଲତଙ୍କ ରାୟ ପରେ ଟ୍ରମ୍ପଙ୍କ ମନ ମଉଜିଆ ଟାରିଫ ହଟିଯାଇଛି ସତ, କିନ୍ତୁ ଏ ନେଇ ସ୍ପଷ୍ଟତା ଆସିବାକୁ କିଛି ସମୟ ଲାଗିପାରେ । ଅବଶ୍ୟ, ନିଜର ସାଧାରଣ 'ଏକଜିକ୍ୟୁଟିଭ' କ୍ଷମତାର ପ୍ରୟୋଗ କରି ଟ୍ରମ୍ପ ସବୁ ଦେଶ ଉପରେ ୧୦% ଅତିରିକ୍ତ ଶୁଳ୍ ?କ ଲଗାଇଛନ୍ତି । ଯଦିଓ, ଅଦମ୍ୟ ଟ୍ରମ୍ପ ତାଙ୍କ ଟାରିଫ ନୀତିରେ ଅଟଳ ରହିବାକୁ ପ୍ରତିଜ୍ଞାବଦ୍ଧ, ବିଶେଷଜ୍ଞଙ୍କ ମତରେ ଅନ୍ୟ ଆଇନ ଉପଯୋଗ କରି ସେଭଳି ଅବାଧ ଟାରିଫ ଲଗୁ କରାଯିବା ଅତ୍ୟନ୍ତ କଷ୍ଟସାଧ୍ୟ ଓ କାଳକ୍ଷେପଣକାରୀ ହେବ । ଅଦାଲତଙ୍କ ରାୟ ଅନୁସାରେ 'ଆଇ.ଇ.ଇ.ପି.ଏ.'ର ପ୍ରୟୋଗ ସକାଶେ ସେଠାକାର ସଂସଦ କଂଗ୍ରେସର ଅନୁମୋଦନ ଜରୁରି; ଯାହା ଲାଭ କରିବା ମଧ୍ୟ ଏକ ଦୁରୂହ ବ୍ୟାପାର । ତେଣୁ ଅବାଂଛିତ ଟାରିଫର ଭୟ ଅପାତତଃ ଟଳି ଯାଇଛି । କିନ୍ତୁ ଏହି ବର୍ଷକ ମଧ୍ୟରେ ବେଆଇନ ଟାରିଫ ସୂତ୍ରରୁ ଆମେରିକା ଲାଭ କରିଥିବା ଏକ ବିପୁଳ ଅର୍ଥ ରାଶି (୧୭୦ ବିଲିଅନ ଡଲାରରୁ ଅଧିକ)କୁ ଫେରସ୍ତ କରାଯିବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଛିଣ୍ଡା ରହିଯାଇଛି । ଏହି ପ୍ରକ୍ରିୟା ଅତ୍ୟନ୍ତ ବିଶାଳ ଓ ଜଟିଳ ହେବ; କାରଣ 'ରଏଟର୍ସ'ର ସୂଚନାନୁସାରେ ପ୍ରାୟ ୩ ଲକ୍ଷ ସରିକି କଂପାନି ଏହାର ଦାବିଦାର ହେବେ ।

ସ୍ୱପ୍ନ ଓ ସହର

କହିବା ଅନାବଶ୍ୟକ ଯେ ରାଜ୍ୟର ଏକ ମାତ୍ର ସ୍ୱପ୍ନର ସହର ଭାବେ ଭୁବନେଶ୍ୱର ଏକ ଜନ ଅରଣ୍ୟରେ ପରିଣତ ହୋଇ ଅଧିକାଂଶ ଭୁବନେଶ୍ୱରିଆଙ୍କୁ ସ୍ୱଚ୍ଛନ୍ଦ ଜୀବନରୁ ଦୂରକୁ ଠେଲି ନେଇ ଚାଲିଛି । କଦାଚିତ ଏହା ଭୁବନେଶ୍ୱରର ସ୍ୱପ୍ନ ହୋଇ ନ ଥିବ ! ଆଜିର ଅବସରରେ, ତେଣୁ, ସେହି ମାର୍ଗ ସନ୍ଧାନ ଲାଗି ଚିନ୍ତନ ଓ କାର୍ଯ୍ୟର ପ୍ରାରମ୍ଭ ହେଉ, ଯହିଁରେ ଉଭୟ ଭୁବନେଶ୍ୱର ଓ ଭୁବନେଶ୍ୱରିଆ ସେମାନଙ୍କ ସ୍ୱପ୍ନ ଚରିତାର୍ଥ କରିବା ଲାଗି ହାତ ଧରାଧରି ହୋଇ ଚାଲିବେ । ଆଜି ଆମ ରାଜଧାନୀ ଭୁବନେଶ୍ୱର ତା'ର ୭୯ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ଭୁବନେଶ୍ୱର ବୋଲି କହିଲେ ଯେଉଁ ଆଧୁନିକ ନଗରୀକୁ ବୁଝାଯାଏ, ସେ ଅଚଂଳ, ୧୯୪୮ ମସିହାରେ ଭିତି ପଡ଼ିଲା ବେଳକୁ, ଥିଲା ଜଙ୍ଗଲ, ଗାଁ ଗଣ୍ଡା, ବିଲମାଳ, ପ୍ରାକୃତିକ ଝର ଓ ନାଳ ଇତ୍ୟାଦି ଦ୍ୱାରା ଭରା; ଏବଂ ଜଣାଯାଏ ଯେ ପ୍ରାରମ୍ଭରେ 'ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ' ବା 'ବିଡିଏ' ୧୧୫ଟି ଗ୍ରାମକୁ ଘେନି ଯେଉଁ ଭୁବନେଶ୍ୱର ସହରର ନକ୍ସା ପ୍ରସ୍ତୁତ କରିଥିଲା, ତହିଁରେ ସଂପ୍ରତି ୩୦୦ରୁ ଅଧିକ ଗ୍ରାମ ଓ ପଲ୍ଲୀ ସେମାନଙ୍କ ମୂଳ ସତା ହରାଇ ଜାଜ୍ଜ୍ୱଲ୍ୟମାନ ସହରାଚଂଳରେ ପରିଣତ ହେଲେଣି । ଏବଂ ଏହି ଆଧୁନିକ ଭୁବନେଶ୍ୱରର ଯେଉଁ ନାଭି ନାଡ଼ ପ୍ରାଚୀନ ଅତୀତର ଗଭୀରତା ସହିତ ତାକୁ ବାନ୍ଧି ରଖିଥାଏ, ତାହା ଶିଶୁପାଳଗଡ଼ ବା ଅଶୋକଙ୍କ ଶିଳାଲେଖ ବା ଲିଙ୍ଗରାଜ ମନ୍ଦିର ବା ମୁକ୍ତେଶ୍ୱର ତୋରଣ ବା ଖାରବେଳଙ୍କ ଗୁମ୍ଫା ରୂପେ ବିଦ୍ୟମାନ ରହି ପ୍ରସିଦ୍ଧ ଇସ୍ରାଏଲୀ କବି ୟାହୁଦା ଆମିଚାଇଙ୍କ ସେହି ଅତୁଳନୀୟ ବାକ୍ୟକୁ ସାବ୍ୟସ୍ତ କରିଥାଏ ଯେ 'ସ୍ମୃତିର ସ୍ମାରକୀମାନ ପେପର ୱେଟ ଭଳି; ଯେଉଁ କାରଣରୁ ମୋ ଭୂମିର ଇତିହାସ ଉଡ଼ିଯାଏ ନାହିଁ ।' ଏଥିରେ ଦ୍ୱିରୁକ୍ତି ନାହିଁ ଯେ ପ୍ରାଚୀନ ଐତିହ୍ୟ ଦୃଷ୍ଟିରୁ ଭୁବନେଶ୍ୱର ସମ୍ଭବତଃ ଭାରତର ସର୍ବାଧିକ ସମୃଦ୍ଧ ସହର, ଯାହା କେବଳ 'ଟେଂପଲ ସିଟି' ବା 'ମନ୍ଦିର ମାଳିନୀ ସହର' ବୋଲି ଅଭିହିତ ହେବାରେ ପୂର୍ଣ୍ଣ ଅଭିବ୍ୟକ୍ତି ପାଇ ନ ଥାଏ । କାରଣ, ବୌଦ୍ଧ, ଜୈନ ଓ ଶୈବ ଧର୍ମର ଏହି ସଙ୍ଗମ ସ୍ଥଳ ଖ୍ରୀଷ୍ଟ ଜନ୍ମ ପୂର୍ବରୁ ସଂଘଟିତ ହୋଇଥିବା ଯୁଦ୍ଧ, ହୃଦୟ ପରିବର୍ତ୍ତନ, ଦିଗ୍‌ବିଜୟ, କୀର୍ତ୍ତି ସ୍ଥାପନ ଇତ୍ୟାଦିର ଚିହ୍ନମାନ ଏ ଯାବତ୍ ପ୍ରାମାଣିକତା ସ୍ୱରୂପ ବହନ କରି ଆସିଛି; ଯାହା ଆଧୁନିକ ଭୁବନେଶ୍ୱରର ବହୁତଳ ଅଟ୍ଟାଳିକାର ନିଘଂଚ ଅରଣ୍ୟ, ଛନ୍ଦାଛନ୍ଦି ସର୍ପିଳ ଫ୍ଲାଏ ଓଭର, ସଡ଼କ ଉଛୁଳାଇ ନିରନ୍ତର ଭାବେ ଧାବମାନ ଅକ୍ଳାନ୍ତ ଯାନବାହନ ତଥା ନିଅନ ଆଲୋକିତ ବିପଣିର ଅମରାବତି ମଧ୍ୟରେ ଜୀବନ୍ତ ରହି ସହରର ଶରୀରରେ ଇତିହାସର କଂପନ ସୃଷ୍ଟି କରେ । ଭୁବନେଶ୍ୱରର ଯେ କୌଣସି ଅଧିବାସୀଙ୍କ ସକାଶେ ଏହା ହେଉଛି ଏକ ଦୁର୍ଲଭ ଗୌରବ ବୋଧର ବିଷୟ । କିନ୍ତୁ ଏକ ବିଡ଼ମ୍ବନା ହେଲା, ଅସଂଖ୍ୟ ଭୁବନେଶ୍ୱରିଆଙ୍କୁ ସଂପ୍ରତି ଏଭଳି ବୋଧ ଶିହରିତ କରୁନାହିଁ, ଯେଉଁମାନେ ସ୍ୱପ୍ନ ଦେଖିବାର ମୋହ ଏବଂ ସମସ୍ୟା ଜର୍ଜର ଅସ୍ତିତ୍ୱର ସଣ୍ଢୁଆଶିରେ ବନ୍ଦୀ ହୋଇ ଅଣନିଃଶ୍ୱାସୀ ହେବାରେ ଲାଗିଛନ୍ତି । ଆଧୁନିକ ଭୁବନେଶ୍ୱରର ପରିକଳ୍ପନା ଥିଲା ଦେଶର ସର୍ବ ପ୍ରଥମ ମୁଷ୍ଟିମେୟ ଆଧୁନିକ ଭାରତୀୟ ସହର ମଧ୍ୟରୁ ଗୋଟିଏ, ଯାହାର ସ୍ଥପତି ଥିଲେ ଜର୍ମାନ ଟାଉନ ପ୍ଲାନର ଓଟୋ କୁନିଂସବର୍ଗର । କିନ୍ତୁ କାଳ କ୍ରମେ ଦ୍ରୁତ ଓ ଅବିନ୍ୟସ୍ତ ସହରୀକରଣ ହେତୁ ଅଧିକାଂଶ ଆଧୁନିକ ଭାରତୀୟ ସହର ଭଳି ଭୁବନେଶ୍ୱର ମଧ୍ୟ ଘୋର ସମସ୍ୟା ସଂକୁଳ ହୋଇ ସାରିଲାଣି; ଯେମିତି ବିଶୃଙ୍ଖଳ ଭାବେ ଗଢ଼ି ଉଠୁଥିବା ବସ୍ତି, ଦୀର୍ଘ ଟ୍ରାଫିକ ଜାମ୍, ବର୍ଜ୍ୟବସ୍ତୁର ପାହାଡ଼, ପ୍ରାକୃତିକ ଜଳଧାର ଓ ଆର୍ଦ୍ର ଭୂମିର ବିଲୋପନ, ସବୁଜିମାର ସଂକୋଚନ, ଭୂତଳ ଜଳ ସ୍ତରରେ ହ୍ରାସ, ଉତ୍କଟ ପରିବେଶ ଓ ବାୟୁ ପ୍ରଦୂଷଣ, ସାମାନ୍ୟ ବର୍ଷାରେ ସୃଷ୍ଟ ବନ୍ୟା ଇତ୍ୟାଦି । କହିବା ବାହୁଲ୍ୟ ଯେ ସ୍ୱପ୍ନ ଚରିତାର୍ଥ କରିବାର ସୁଯୋଗ ଦେଉଥିବାରୁ ଚୁମ୍ବକୀୟ କ୍ଷେତ୍ରରେ ପରିଣତ ହୋଇଥିବା ଭାରତୀୟ ସହରଗୁଡ଼ିକ ଭଳି ଭୁବନେଶ୍ୱର ମଧ୍ୟ ସେଠାକୁ ଛୁଟୁଥିବା ଜନସ୍ରୋତର ଚାପରେ ଅଣନିଃଶ୍ୱାସୀ; ଯହିଁରେ ଗ୍ରାମାଚଂଳରୁ ଆସିଥିବା ଦରିଦ୍ରମାନେ ବସ୍ତି ସଂଖ୍ୟାରେ ବୃଦ୍ଧି ଘଟାଇ ଚାଲିଥିବା ବେଳେ ମହତ୍ୱାକାଂକ୍ଷୀ ଉଚ୍ଚଶିକ୍ଷିତମାନଙ୍କ ବିପୁଳତା ହେତୁ ଘର ଭଡ଼ା ଓ 'ରିଏଲ ଇଷ୍ଟେଟ'ର ମୂଲ୍ୟରେ ଅହେତୁକ ଓ ଅସହନୀୟ ବୃଦ୍ଧି ଘଟାଇ ଚାଲିଛି । ବିଶିଷ୍ଟ ଅର୍ଥନୀତିଜ୍ଞ ସଂଜୀବ ସାନ୍ନ୍ୟାଲଙ୍କ ମତରେ ସପିଂ ମଲ, ରେସ୍ତୋରାଁ, କ୍ଲବ, ମଲଟିପ୍ଲେକ୍‌ସ, ଘରୋଇ ହସପିଟାଲ ଓ ଘରୋଇ ସ୍କୁଲ ମାଧ୍ୟମରେ ଗୋଟିଏ କ୍ଷୁଦ୍ର ଅଂଶର ସହରିଆ ଖୁବ୍ ଉପକୃତ ହେଉଥିବା ବେଳେ ସର୍ବସାଧାରଣ ସ୍ଥାନମାନ ଅପରିଚ୍ଛନ୍ନ, ସାଧାରଣ ପରିବହନ ବ୍ୟବସ୍ଥା ବିପର୍ଯ୍ୟସ୍ତ ଏବଂ ଉଚ୍ଚ ଘର ଭଡ଼ା ହେତୁ ମଧ୍ୟ ଓ ନିମ୍ନ ବିତୀୟ ବର୍ଗର ଲୋକେ ତଳିତଳାନ୍ତ ହେଉଛନ୍ତି । ଜାତିସଂଘର ଏକ ଆକଳନ ଅନୁସାରେ ୨୦୩୦ ମସିହା ସୁଦ୍ଧା ୪୦% ଭାରତୀୟ କେବଳ ସହରଗୁଡ଼ିକରେ ହିଁ ରୁଣ୍ଡ ହୋଇଥିବେ । କହିବା ଅନାବଶ୍ୟକ ଯେ ଭାରତୀୟ ସହରଗୁଡ଼ିକ କିଭଳି ସେମାନଙ୍କ ଆପଣା ଓଜନରେ ଧସି ଯିବାକୁ ବସିଲେଣି, ତା'ର ଲକ୍ଷଣମାନ ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ଦେଖିବାକୁ ମିଳିଲାଣି । କିଛି ବର୍ଷ ପୂର୍ବ ପର୍ଯ୍ୟନ୍ତ ଚଣ୍ଡୀଗଡ଼ର ଦୃଷ୍ଟାନ୍ତ ଦେଇ ପ୍ରାୟ ସମାନ ଶୈଳୀରେ ଓ ଏକା ସମୟରେ ଗଢ଼ା ଯାଇଥିବା ଭୁବନେଶ୍ୱରର ସମକାଳୀନ ଦୁଃସ୍ଥିତିକୁ ସମାଲୋଚନା କରାଯାଉଥିଲା । କିନ୍ତୁ ସଂପ୍ରତି ଚଣ୍ଡୀଗଡ଼ ମଧ୍ୟ ଏକ ଲକ୍ଷ୍ୟ ଭ୍ରଷ୍ଟ ସହର ! ଏକଦା, ଆଦର୍ଶ ସ୍ଥାନୀୟ ଭାବେ ପରିଗଣିତ ବେଙ୍ଗାଲୁରୁର ସାଂପ୍ରତିକ ଦୁରବସ୍ଥା ନେଇ କେତେକ ପରାମର୍ଶମୂଳକ ପ୍ରସ୍ତାବ ସହିତ ପ୍ରସିଦ୍ଧ ଐତିହାସିକ ରାମଚନ୍ଦ୍ର ଗୁହା କହିଥିଲେ ଯେ ସମସ୍ତ ସୁଯୋଗକୁ କେବଳ ବେଙ୍ଗାଲୁରୁରେ ଠୁଳ ନ କରି ସେଗୁଡ଼ିକୁ ରାଜ୍ୟର ବିଭିନ୍ନ ଅଚଂଳ ମଧ୍ୟରେ ବଂଟନ କରି ଦିଆଯିବା ଉଚିତ । କାରଣ ଭାରତୀୟ ସହରଗୁଡ଼ିକ ସମ୍ମୁଖୀନ ହେଉଥିବା ସମସ୍ତ ସମସ୍ୟାର ମୂଳ ଏବଂ ଏକ ମାତ୍ର କାରଣ ହେଉଛି ଦ୍ରୁତବର୍ଦ୍ଧିଷ୍ଣୁ ଜନସଂଖ୍ୟା; ଯଦ୍ଦ୍ୱାରା ସହରର ସମସ୍ତ ଭିତିଭୂମି ଓ ବ୍ୟବସ୍ଥା ଅସହନୀୟ ଭାବେ ଚାପଗ୍ରସ୍ତ ହୋଇ ପଡୁଛି; ଟ୍ରାଫିକ୍ ଜାମଠାରୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି, ଆବର୍ଜନା ସୃଷ୍ଟି, ଜଳ ନିଷ୍କାସନ ପଥରେ ଅବରୋଧ ଇତ୍ୟାଦି ସବୁ କିଛି ଏହାର ଉପଜ । କହିବା ବାହୁଲ୍ୟ ଯେ ଆମ ରାଜ୍ୟ ସକାଶେ ସର୍ବୋତ୍କୃଷ୍ଟ ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ଜୀବିକା ଆଦିର ସୁଯୋଗ ପ୍ରାୟତଃ ଭୁବନେଶ୍ୱରରେ ହିଁ ଠୁଳୀଭୂତ, ସୁତରାଂ, ସେଠାକୁ ସମଗ୍ର ରାଜ୍ୟରୁ ବିପୁଳ ଜନସମାଗମ ନ ହୁଅନ୍ତା କିପରି ? ଭୁବନେଶ୍ୱରର ଭବିଷ୍ୟତ ବିଷୟ ଚିନ୍ତା କଲା ବେଳେ ଏହି ବିନ୍ଦୁ ଉପରେ ଚିନ୍ତନ ଆବଶ୍ୟକ । ତେବେ, ଅନେକ ସମସ୍ୟାର ଦୂରୀକରଣ କେବଳ ଯୋଜନାବଦ୍ଧ ଓ ନିଷ୍ଠାପର ଉଦ୍ୟମ ଦ୍ୱାରା ମଧ୍ୟ ସମ୍ଭବ । କିଛି ବର୍ଷ ପୂର୍ବର ନିତାନ୍ତ ଅପରିଷ୍କାର ସହର ଇନ୍ଦୋର ବର୍ତମାନ ଭାରତର ସର୍ବାଧିକ ପରିଚ୍ଛନ୍ନ ସହରରେ ପରିଣତ ହୋଇ ପାରିଛି । ତାହାର କାରଣ ଅବିଶ୍ରାନ୍ତ ପ୍ରାଶାସନିକ ଉଦ୍ୟମ ଓ ନାଗରିକମାନଙ୍କ ସହଯୋଗ । ଭୁବନେଶ୍ୱରରେ ସେଭଳି ଦୃଶ୍ୟପଟଟିଏ ସୃଷ୍ଟି ହୋଇ ନ ପାରିବ ବା କାହିଁକି ? ପ୍ରକାଶ ଥାଉ କି ଶହେଟି ବିଶ୍ୱସ୍ତରୀୟ 'ସ୍ମାର୍ଟ ସିଟି' ଗଢ଼ି ତୋଳିବାର ଉଚ୍ଚାଭିଳାଷୀ ଓ ଆଡ଼ମ୍ବରପୂର୍ଣ୍ଣ ପରିକଳ୍ପନା ୨୦୧୫ ମସିହାରେ ଯେଉଁ 'ମିସନ'କୁ ଜନ୍ମ ଦେଇଥିଲା, ତାହା ଗଲା ମାର୍ଚ୍ଚ ୩୧ ତାରିଖରେ, ଉଭୟ ସମୟ ସୀମା ଓ ଲକ୍ଷ୍ୟ ପୂରଣ କରିଥିବା କାରଣରୁ ସମାପ୍ତ ହୋଇ ଯାଇଛି । ସରକାରୀ ସୂଚନା ଅନୁସାରେ ସ୍ମାର୍ଟ ସିଟି ମିସନରେ ଅନ୍ତର୍ଭୁକ୍ତ ପ୍ରକଳ୍ପରୁ ୯୪%କୁ ସଫଳତାର ସହିତ ସମାପ୍ତ କରାଯାଇପାରିଛି । ଭୁବନେଶ୍ୱର ଏହି ଶହେଟି ସ୍ମାର୍ଟ ସିଟି ମଧ୍ୟରୁ ଅନ୍ୟତମ, କିନ୍ତୁ ବିଡ଼ମ୍ବନା ହେଲା, ଏକ ସଫଳ ସ୍ମାର୍ଟ ସହର ଭାବେ ଭୁବନେଶ୍ୱର କିଭଳି ନିଜକୁ ପ୍ରତିପାଦନ କରିବାକୁ ଚେଷ୍ଟା କରିବ, ତାହା ତା' ଲାଗି ଏକ ଅସ୍ୱସ୍ତିକର ଆହ୍ୱାନ ସୃଷ୍ଟି କରିବ । ସ୍ୱପ୍ନର ସଂଚାରଣ ଓ ସୁଯୋଗ ପୂର୍ତ୍ତି କରି ଚାଲିଥିବା କାରଣରୁ ସହରଗୁଡ଼ିକୁ ସ୍ୱପ୍ନଭୁକ୍‌ମାନଙ୍କ ଯାତ୍ରା ଅବାରିତ ଚାଲୁ ରହିଥାଏ । ତେଣୁ ସହରଗୁଡ଼ିକ ନିରନ୍ତର ଭାବେ ଗଢ଼ା ହୋଇ ଚାଲିଥାଆନ୍ତି, ଯାହାକୁ ଦର୍ଶାଇ ନୋବେଲ ପୁରସ୍କାର ବିଜେତା କ୍ୟାରିବୀୟ କବି ଡେରେକ ୱାଲକଟଙ୍କ ଏକ ଅଭିବ୍ୟକ୍ତି ହେଲା- 'ଫରଏଭର ଅନଫିନିସ୍‌ଡ ସିଟିଜ' ଅର୍ଥାତ୍ 'ଚିର ଅସମାପ୍ତ ସହର' । ଏଣେ ଗ୍ରାମ ଓ କ୍ଷୁଦ୍ର ସହରଗୁଡ଼ିକ ସ୍ୱପ୍ନ ଦେଖାଇ ପାରନ୍ତି ନାହିଁ ବୋଲି ସେମାନେ ପଡ଼ି ରହନ୍ତି ଅସାଡ଼ ଅଜଗର ଭଳି । ଏଥିରେ ରହିଛି ସମସ୍ୟାର ବୀଜ । ଗ୍ରାମାଚଂଳ ଓ ଛୋଟ ସହରଗୁଡ଼ିକରେ ସ୍ୱପ୍ନର ଅଙ୍କୁରଣ ଓ ପୂରଣର ଆଶା ଦିଶିଲେ ଭୁବନେଶ୍ୱରଗାମୀ ଜନସ୍ରୋତରେ ହୁଏତ ଲଗାମ ଲାଗନ୍ତା । ରାମଚନ୍ଦ୍ର ଗୁହାଙ୍କ ପ୍ରସ୍ତାବର ସ୍ପୃହଣୀୟତା ଏଇଠି ବୋଧଗମ୍ୟ ହୋଇଥାଏ । କହିବା ଅନାବଶ୍ୟକ ଯେ ରାଜ୍ୟର ଏକ ମାତ୍ର ସ୍ୱପ୍ନର ସହର ଭାବେ ଭୁବନେଶ୍ୱର ଏକ ଜନ ଅରଣ୍ୟରେ ପରିଣତ ହୋଇ ଅଧିକାଂଶ ଭୁବନେଶ୍ୱରିଆଙ୍କୁ ସ୍ୱଚ୍ଛନ୍ଦ ଜୀବନରୁ ଦୂରକୁ ଠେଲି ନେଇ ଚାଲିଛି । କଦାଚିତ ଏହା ଭୁବନେଶ୍ୱରର ସ୍ୱପ୍ନ ହୋଇ ନ ଥିବ ! ଆଜିର ଅବସରରେ, ତେଣୁ, ସେହି ମାର୍ଗ ସନ୍ଧାନ ଲାଗି ଚିନ୍ତନ ଓ କାର୍ଯ୍ୟର ପ୍ରାରମ୍ଭ ହେଉ, ଯହିଁରେ ଉଭୟ ଭୁବନେଶ୍ୱର ଓ ଭୁବନେଶ୍ୱରିଆ ସେମାନଙ୍କ ସ୍ୱପ୍ନ ଚରିତାର୍ଥ କରିବା ଲାଗି ହାତ ଧରାଧରି ହୋଇ ଚାଲିବେ ।

ରାଜଧାନୀକୁ ଚିଠି

ଏପ୍ରିଲ ୧୩ ତୁମ ଜନ୍ମଦିନ । ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଆଜି ୭୯କୁ ପାଦ ବଢ଼ାଇବା ବେଳେ ବିଗତ ୭୮ ବସନ୍ତର ମହକ ଏବେ ବି ତୁମ ମନରେ ନିଶ୍ଚୟ ଶିହରଣ ସୃଷ୍ଟି କରୁଥିବ । ଜନ୍ମଦିନ କାହାପାଇଁ ପାରିବାରିକ ମଉଜ ମଜଲିସରେ ସୀମିତ ହୋଇପାରେ । କିନ୍ତୁ ଏପରି ବ୍ୟକ୍ତି ଏବଂ ତୁମ ଭଳି ସହର ଅଛନ୍ତି ଯେଉଁମାନଙ୍କ ଜନ୍ମଦିନ ଉତ୍ସବର ଦିନ, ସାଧାରଣ ଲୋକେ ଧୁମଧାମରେ ପାଳନ କରନ୍ତି । ଯେମିତି ଭାରତର ଜନ୍ମଦିନ ଅଗଷ୍ଟ ୧୫, ଓଡ଼ିଶାର ଏପ୍ରିଲ ୧, ଅହମଦାବାଦର ଫେବ୍ରୁଆରି ୨୬, ତିରୁପତି ଫେବ୍ରୁଆରି ୨୪, ଚେନ୍ନାଇର ଅଗଷ୍ଟ ୨୨, ସମ୍ବିଧାନର ଜାନୁଆରି ୨୬ ଏବଂ ମହାତ୍ମା ଗାନ୍ଧୀଙ୍କର ଅକ୍ ?ଟୋବର ୨, ସେମିତି ଏପ୍ରିଲ ୧୩, ଆମ ରାଜଧାନୀ ଭୁବନେଶ୍ୱରର । ଏହା ଏକ ଭାବଗତ ସମ୍ପର୍କର ପ୍ରତିଫଳନ । କାରଣ, ସେହିସବୁ ବ୍ୟକ୍ତି ଅବା ସହରଗୁଡ଼ିକ ଲୋକଙ୍କ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଏବଂ ସେମାନଙ୍କ ଜୀବନକୁ ସରସ ସୁନ୍ଦର କରିବାରେ ଯୋଗଦାନ ଏତେ ମହତ୍ତ୍ୱପୂର୍ଣ୍ଣ ଯେ ସେମାନଙ୍କ ଜନ୍ମଦିନକୁ ସାମୂହିକ ଉତ୍ସବର ମାନ୍ୟତା ମଧ୍ୟ ଯଥେଷ୍ଟ ମନେହୁଏ ନାହିଁ । ସେଥିପାଇଁ ତ ଗଛଟିଏ କାଟିଦେଲେ କିମ୍ବା ବର୍ଷାଦିନେ ସହରରେ କୃତ୍ରିମ ବନ୍ୟା ହେଲେ ଗଣ ପ୍ରତିବାଦର ସ୍ୱର ଉଠେ । ଏପରିକି ସହରର କେଉଁ ପରିତ୍ୟକ୍ତ ସ୍ଥାନରେ କାହିଁ କେବେ କେଉଁ ଅଜଣା ଶିଳ୍ପୀର ଛାପ ଥିବା ସାମାନ୍ୟ ପଥର ଖଣ୍ଡକୁ କେହି ବୋହି ନେଲେ ଆଇନ ଆଖିରେ ତାହା ଅପରାଧ ବିବେଚିତ ହୁଏ । ସେ ପଥର କାହାର ନୁହେଁ, କିନ୍ତୁ ସମସ୍ତଙ୍କର । ଜନ୍ମଦିନ ଆତ୍ମ ସମୀକ୍ଷାର ଦିନ, ଅତୀତ ଅଭିଜ୍ଞତାରୁ ଭବିଷ୍ୟତର ରାସ୍ତା ଖୋଜିବାର ଏକ ସୁଯୋଗ । ଭୁବନେଶ୍ୱରକୁ ଓଡ଼ିଶାର ଶାସନ କେନ୍ଦ୍ର ରୂପରେ ଗଢ଼ିବାକୁ ଯେଉଁ ବିନ୍ଧାଣିମାନଙ୍କର ଯୋଗଦାନ ଥିଲା ସେମାନେ ସମସ୍ତେ ତୁମକୁ ଶୈଶବରୁ ପ୍ରକୃତି କୋଳରେ ବଢ଼ି ଦେଶବିଦେଶରେ ଏକ ଅନନ୍ୟ ରାଜଧାନୀର ଉଦାହରଣ ସୃଷ୍ଟି କରିବା ଚାହିଁଥିଲେ । ସତରେ ଆଜି ତୁମକୁ ଦେଖିଲେ ଦୁଃଖ ବିଷାଦରେ ମନ ଭାଙ୍ଗି ପଡୁଛି, ବହୁତ ଅସହାୟ ଲାଗୁଛି । ଅବଛା ବଗିଚାରେ ଅନାବନା ଗଛ ରାଜତ୍ୱ କଲା ଭଳି ଗୋଡ଼ି ସିମେ[ର ଅଟ୍ଟାଳିକାମାନେ ଅବିରାମ ଗତିରେ ଚାରିଆଡ଼େ ଛାଇ ହୋଇ ଯାଉଛନ୍ତି । ଦେଖିଲେ ଲାଗିବ ଯେମିତି ଆକାଶରେ ମେଘକୁ ଛୁଇଁବା ପାଇଁ ସେମାନେ ପ୍ରତିଯୋଗିତା କରୁଛନ୍ତି । ସେମାନଙ୍କ ପ୍ରାଦୁର୍ଭାବରୁ ଝରଣା, ନାଳ, ଜଙ୍ଗଲ, ପୋଖରୀ, ସନ୍ତସନ୍ତିଆ ସ୍ଥାନ, ଘରୋଇ ଅବା ସରକାରୀ ଜମି କିଛି ବାଦ ଯାଉନି । ଝରକା ଖୋଲିଲେ ଦୁଆର ମୁହଁରେ ଅଡ଼ି ବସିଲା ଭଳି ସାମ୍ନାକୁ ଆସି ଯାଉଛି କୋଉ ଏମାରତର ଖୁମ୍ବ କିମ୍ବା ପାଚେରି । ଆଉ କ'ଣ ଦେଖିହେଉଛି ଗଛ ଉହାଡ଼ରେ ଜହ୍ନ କେମିତି ଉଙ୍କି ମାରେ ? ବୁଢ଼ୀମା' ଲିଙ୍ଗରାଜ ମନ୍ଦିର ଚୂଡ଼ା ଦେଖି ଚଉରାରେ ଆଉ ପାଣି ଦେଇପାରୁନି, ଖରା ନଇଁଲେ ନା ଦେହରେ ସୁଲୁସୁଲିଆ ପବନ ଟିକେ ବାଜୁଛି । ଆକାଶଛୁଆଁ କୋଠାର ପରସ୍ତ ପରସ୍ତ ଫ୍ଲାଟ ଭେଦି ଘରେ ଆଲୁଅ ଓ ପବନ ପଶିବା ଏକ ରକମ ଅସମ୍ଭବ । କଟେଂଇ କୋଳି, ବେତ କୋଳି, ଭଇଂଚି କୋଳି, କ୍ଷୀରି କୋଳି, ଭୂଇଁ ଖଜୁରୀ, ଅଁଳା ଗଛ ଖୋଜି ପାଇବା କଷ୍ଟ । ଭୁବନେଶ୍ୱର ପାଣିରେ ଔଷଧୀୟ ଗୁଣ ଅଛି ଏବଂ ଏହା ବନ୍ଧ୍ୟାଦୋଷ ନିରାକରଣରେ ସହାୟକ ବୋଲି କେଉଁ ଯୁଗରୁ ଲୋକଙ୍କର ବିଶ୍ୱାସ । ସେଥିପାଇଁ ପ୍ରତିବର୍ଷ ମରିଚି କୁଣ୍ଡ ପାଣି ନିଲାମ ହୁଏ, କିଏ ଏହାକୁ କୁସଂସ୍କାର ଭାବୁନା କାହିଁକି । କାଚ କେନ୍ଦୁ ପାଣିରେ ଉଛୁଳୁଥିବା ଭୁବନେଶ୍ୱରର ପ୍ରାୟ ସବୁ ଝରଣା ଓ ନାଳ ଏବେ ନର୍ଦ୍ଦମା ପାଲଟିଛି । ଗଙ୍ଗୁଆ ନାଳ ଚିହ୍ନି ହଉନି । କେଦାରଗୌରୀ କୁଣ୍ଡ ଅବା ଐତିହାସିକ ବିନ୍ଦୁସାଗର ପୋଖରୀ ଅବସ୍ଥା ନ କହିଲେ ଭଲ । ରାଜଧାନୀର ଦୁଆରମୁହଁରେ ଚନ୍ଦକା ହାତୀ ଅଭୟାରଣ୍ୟ ଭଳି ଏକ ସଂରକ୍ଷିତ ଜଙ୍ଗଲର ଉପସ୍ଥିତି ଦେଶରେ ବିରଳ । ଏହା ପଶୁ-ମଣିଷର ସହାବସ୍ଥାନରେ ଓଡ଼ିଶାର ଅଖଣ୍ଡ ବିଶ୍ୱାସର ପ୍ରମାଣ ଦିଏ । କିନ୍ତୁ ଜମି ପିପାସୁ ଓ କାଠ ମାଫିଆଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ହାତୀମାନେ ଚନ୍ଦକାରୁ ପ୍ରାୟ ଚାଲିଗଲେଣି । ସେ ବାଟ ଦେଇ ଗଲାବେଳେ ଠାଏ ଠାଏ ରାସ୍ତାର ଦୁଇପଟେ 'ହାତୀ ଚଲାପଥ' ଲେଖାଥିବା ସାଇନବୋର୍ଡଗୁଡ଼ିକ ଯେମିତି ନିରବରେ କହି ଚାଲିଛନ୍ତି, "ସେମାନେ ବି ଦିନେ ଏଠି ଥିଲେ'' । ୧୯୪୮ ଏପ୍ରିଲ ୧୩ ତାରିଖ ୧୦ଟା ୨୦ ମିନିଟରେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ପ୍ରଥମ ଅନୁକୂଳ ଇଟା ଥୋଇ ରାଜଧାନୀ ସହରର ନିର୍ମାଣକୁ ସବୁଜ ସଂକେତ ଦିଅନ୍ତି । ଏହି ଐତିହାସିକ ମୁହୂର୍ତ୍ତରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ପ୍ରିମିଅର (ସେତେବେଳେ ମୁଖ୍ୟମନ୍ତ୍ରୀ ପଦ ନଥିଲା) ହରେକୃଷ୍ଣ ମହତାବ ଓ ରାଜ୍ୟପାଳ କୈଳାଶ ନାଥ କାଟଜୁ ସାମିଲ ଥିଲେ । ନେହରୁ ସମବେତ ଜନତାଙ୍କୁ ରାଜଧାନୀର ସମ୍ଭାବ୍ୟ ରୂପରେଖ ସମ୍ପର୍କରେ ସେଦିନ ଯାହା କହିଥିଲେ, ତା'ର ପ୍ରାସଙ୍ଗିକତା ଆଜି ମଧ୍ୟ ସତେଜ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଭାବରେ ଓଡ଼ିଶାକୁ ନେହରୁଙ୍କର ଏହା ଥିଲା ପ୍ରଥମ ଗସ୍ତ । ଭୁବନେଶ୍ୱରରେ ପହଁଚିବା ମାତ୍ରେ ପ୍ରାକୃତିକ ଶୋଭାରେ ଭରପୂର ଏଠାକାର ଢେଉଢେଉକା ବିସ୍ତୀର୍ଣ୍ଣ ପ୍ରାନ୍ତର ଏବଂ ଶୀତଳ ପବନର ପରଶରେ ସେ ବିଭୋର ହୋଇ ଉଠିଥିଲେ । ପରାଧୀନ ଭାରତରେ ସେ ଯେତେବେଳେ ଓଡ଼ିଶା ଆସିଥିଲେ, ଏଠାରେ ଅସମ୍ଭବ ଦାରିଦ୍ର୍ୟ ଦେଖି ସେ ମ୍ରିୟମାଣ ହୋଇପଡ଼ିଥିଲେ । କଳିଙ୍ଗ ସାମ୍ରାଜ୍ୟ କଥା ମନେ ପକାଇ ସାହସୀ ଓ ଯୋଦ୍ଧାମାନଙ୍କ ପାଇଁ ଦିନେ ପ୍ରସିଦ୍ଧି ଲାଭ କରିଥିବା ରାଜ୍ୟର ଲୋକମାନେ ବିଦେଶୀ ଶାସକଙ୍କ ଶୋଷଣରେ ଗରିବୀ ମୁହଁକୁ ଏଭଳି ଠେଲି ହୋଇ ଯାଇପାରନ୍ତି ବୋଲି ସେ ବିଶ୍ୱାସ କରିପାରି ନଥିଲେ । କିନ୍ତୁ ସ୍ୱାଧୀନତାର ମାତ୍ର ୮ ମାସ ପରେ ଓଡ଼ିଶା ଗସ୍ତର ଅନୁଭୂତି ତାଙ୍କ ପାଇଁ ଥିଲା ସମ୍ପୂର୍ଣ୍ଣ ନିଆରା । ରାଜଧାନୀ ନିର୍ମାଣ ପାଇଁ ଅନୁକୂଳ ଇଟା ଥୋଇଲାବେଳେ ଚତୁର୍ଦ୍ଦିଗରେ ପ୍ରକୃତିର ଅପରୂପ ସମ୍ଭାର ଦେଖି ନେହରୁ ଅଲଗା ଦୁନିଆରେ ହଜି ଯାଇଥିଲେ । "ଦିଲ୍ଲୀରୁ ଏଠାକୁ ଆସି ମୋତେ ଆତ୍ମସନ୍ତୋଷ ମିଳୁଛି । ସେଠି ସବୁବେଳେ କଳିଝଗଡ଼ା । ଓଡ଼ିଶାରେ ଶାନ୍ତି ଅଛି'', ସେ କହିଥିଲେ । ତାଙ୍କ ମତରେ ଦିଲ୍ଲୀରେ ବହୁତ ବଡ଼ବଡ଼ ଦାମିକିଆ କୋଠା ଅଛି, କିନ୍ତୁ ସେ ସବୁର ସାଧାରଣ ଲୋକଙ୍କ ସହ କିଛି ସମ୍ପର୍କ ନାହିଁ । ଦିଲ୍ଲୀ ସହର ସାମ୍ରାଜ୍ୟର ଅଭିଜାତ୍ୟକୁ ଲୋକଙ୍କ ଆଗରେ ବୃଥା ଗର୍ବ ପ୍ରଦର୍ଶନ ପାଇଁ ତିଆରି କରାଯାଇଥିଲା । ସରକାର ଚାଲିବା ପାଇଁ ରାଜଧାନୀ ଭାବରେ ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଗୋଟିଏ ଛୋଟିଆ ସହର ଯଥେଷ୍ଟ । ଓଡ଼ିଶାର ରାଜଧାନୀ ଶାନ୍ତି, ପାରସ୍ପରିକ ସହଯୋଗ ଓ ପଡ଼ୋଶୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କର ଏକ ଅନନ୍ୟ ସହର ହେବା ନେହରୁ ଚାହିଁଥିଲେ । ତାଙ୍କ ସ୍ୱପ୍ନର ରାଜଧାନୀର ରୂପରେଖ ବିଭିନ୍ନ ସେକ୍ଟର ଅବା ୟୁନିଟରେ ବିଭକ୍ତ ସ୍ୱଳ୍ପ ଜନସଂଖ୍ୟା ବିଶିଷ୍ଟ ଏକ ଛୋଟିଆ ସହର ଥିଲା । ପ୍ରତି ସେକ୍ଟରରେ ମହିଳା ଓ ପିଲାମାନଙ୍କ ପାଇଁ ସ୍କୁଲ, ଖେଳପଡ଼ିଆ, ପାର୍କ, ବହୁତ ଖୋଲା ଜାଗା, ଡାକ୍ତରଖାନା, ଦୋକାନବଜାର ସୁବିଧା ସହିତ ସହରର ମଧ୍ୟ ଭାଗରେ ଏକ ବଡ଼ ମହାତ୍ମା ଗାନ୍ଧୀ ସ୍ମାରକୀ ତାଙ୍କ ଯୋଜନାର ଅନ୍ତର୍ଭୁକ୍ତ ଥିଲା । ସରକାରୀ ଅଫିସର ଓ ଧନୀ ଲୋକଙ୍କ ପାଇଁ ଉଚ୍ଚା କୋଠା ନିର୍ମାଣ ନେହରୁଙ୍କ ପସନ୍ଦ ନଥିଲା । ଛୋଟ ସହରରେ ସାଧାରଣ ଲୋକେ ବାସ୍ତବ ଜୀବନଯାପନ କରିପାରିବେ ବୋଲି ତାଙ୍କର ଧାରଣା ଥିଲା । ବୋଧହୁଏ ସେଇଥିପାଇଁ ବିଶିଷ୍ଟ ଜର୍ମାନ ସ୍ଥପତି ଓଟୋ କୋନିସବର୍ଗର ଗୋଟିଏ ଛୋଟିଆ - ୨୦-୨୫ ବର୍ଗ କିଲୋମିଟର (୫,୦୦୦-୬୦୦୦ ଏକର) ଅଚଂଳରେ ମାତ୍ର ୪୦,୦୦୦-୫୦,୦୦୦ ଲୋକ ରହିଲାଭଳି - ରାଜଧାନୀ ସହରର ନକ୍ସା ପ୍ରସ୍ତୁତ କରିଥିଲେ । ରାଜଧାନୀ ପାଇଁ ଛୋଟ ସହର ଅବାସ୍ତବ ପରିକଳ୍ପନା ବୋଲି ଆଲୋଚନା ପ୍ରସଙ୍ଗରେ ଅନେକ ପ୍ରଶ୍ନ କରନ୍ତି, କିନ୍ତୁ କଂକ୍ରିଟ ଜଙ୍ଗଲରେ ପ୍ରକୃତିକୁ ସମାଧି ନଦେଇ ଆଧୁନିକତା ଓ ଓଡ଼ିଆ କଳା, ସ୍ଥାପତ୍ୟ, ଧର୍ମୀୟ ପରମ୍ପରା ମଧ୍ୟରେ ସମନ୍ୱୟ ରଖୁଥିବା ଏକ ରାଜଧାନୀ ଗଢ଼ିବା ନେହରୁଙ୍କ ଇଚ୍ଛା ଥିଲା । ସେ କହିଥିଲେ, "ଏଠିସେଠି କୋଠା କରିଦେଲେ ରାଜଧାନୀ ହୋଇ ଯାଏ ନାହିଁ । ଆମ କାମ ବ୍ୟୟସାପେକ୍ଷ ନହୋଇ ସୁନ୍ଦର ହେବା ଆବଶ୍ୟକ । ବିଦେଶୀ ଶାସନରେ ଅନେକ ଶିଳ୍ପୀ ସେମାନଙ୍କ ବୃତିରୁ ଦୂରେଇଗଲେ । ଓଡ଼ିଶାର କଳା ଓ ଘର କାନ୍ଥରେ ରଙ୍ଗୀନ ଚିତ୍ରର ତୁଳନା ନାହିଁ ।'' ତାଙ୍କ ଦୃଷ୍ଟିରେ ଯୁବପିଢ଼ିର ମନରେ ସୁନ୍ଦରତାର ଏକ ସକାରାତ୍ମକ ପ୍ରଭାବ ପଡ଼େ । ତେଣୁ ରାଜଧାନୀ ସହର ସୁନ୍ଦର ହେଲେ ଜୀବନ ସରସ ହେବ । ଭୁବନେଶ୍ୱରରେ ରାଜଧାନୀ ନ କରିବାକୁ ପ୍ରତିଦ୍ୱନ୍ଦ୍ୱୀଙ୍କ ସଂଖ୍ୟା କିଛି କମ୍ ନଥିଲା । ସମସ୍ତେ କିନ୍ତୁ ଦୌଡ଼ରେ ପଛରେ ପଡ଼ିଯାଇଥିଲେ । ସବୁଠାରୁ ବଡ଼ ଦାବିଦାର ଥିଲା କଟକ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ୧୯୩୬ରେ ହେବା ଦିନୁ କଟକରେ ରାଜଧାନୀ ଚାଲିଥିଲା । କିନ୍ତୁ ସ୍ଥାୟୀ ରାଜଧାନୀ ପାଇଁ ସ୍ଥାନ ନିରୂପଣ ବେଳେ ୧୦୦୦ ବର୍ଷର କଟକ ସହର ପାଇଁ ଏହାର ପାରମ୍ପରିକ ସମସ୍ୟା ଯଥା ବନ୍ୟା ପ୍ରବଣତା, ଉଭୟ ପାର୍ଶ୍ୱରେ ନଈ ଯୋଗୁଁ ସୀମିତ ଯୋଗାଯୋଗ ସୁବିଧା ଏବଂ ସମ୍ପ୍ରସାରଣ ପାଇଁ ସ୍ଥାନାଭାବ ବାଧକ ସାଜିଥିଲା । ସେହିଭଳି ପାଣି ଅଭାବ କାରଣରୁ ଅନୁଗୁଳ, ତେଲୁଗୁ ଲୋକଙ୍କ ସମ୍ଭାବ୍ୟ ଚାପ ଆଶଙ୍କାରେ ରଙ୍ଗେଇଲୁଣ୍ଡା ଓ ହିନ୍ଦୁମାନଙ୍କ ପବିତ୍ର ଧର୍ମ ପୀଠରେ ଧର୍ମନିରପେକ୍ଷ ରାଜଧାନୀ ଏକ ଅନୁଚିତ ଉଦ୍ୟମ କାରଣରୁ ପୁରୀ ମଧ୍ୟ ଚିଠାରୁ ବାଦ ପଡ଼ିଥିଲା । ଭୁବନେଶ୍ୱର ସପକ୍ଷରେ ସବୁଠାରୁ ଦୃଢ଼ ଯୁକ୍ତି ଉପସ୍ଥାପିତ କରିଥିଲେ ହରେକୃଷ୍ଣ ମହତାବ ଓ ପାରଳାଖେମୁଣ୍ଡି ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି । ଭୁବନେଶ୍ୱରର ସମୃଦ୍ଧ ଇତିହାସ ମଧ୍ୟ ଏଠାରେ ରାଜଧାନୀ ହେବାର ପଥକୁ ସୁଗମ କରିଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଇଠାରେ ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧରେ ଦୟା ନଈରେ ରକ୍ତ ବୁହାଇଥିଲେ ବି ଓଡ଼ିଆଙ୍କ ବୀରତ୍ୱ ଓ ସ୍ୱାଭିମାନ ତାଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକ କରିଥିଲା । ସହର ଉପକଣ୍ଠରେ ଥିବା ଶିଶୁପାଳଗଡ଼ ଖ୍ରୀ.ପୂ. ତୃତୀୟ ଶତାବ୍ଦୀରେ ରାଜଧାନୀ ଥିଲା । ସୂକ୍ଷ୍ମ କାରୁକାର୍ଯ୍ୟ ଖୋଦେଇ ପଥରରେ ବିଶାଳ ମନ୍ଦିର ଗଢ଼ିବାରେ ଭୁବନେଶ୍ୱରର ସମକକ୍ଷ ସହର ଭାରତରେ ନାହିଁ । ସପ୍ତମ ଶତାବ୍ଦୀର ପର୍ଶୁରାମେଶ୍ୱର ମନ୍ଦିର, ଏକାଦଶ ଶତାବ୍ଦୀରେ ନିର୍ମିତ ପ୍ରାୟ ୧୮୦ ଫୁଟ ଉଚ୍ଚା ଲିଙ୍ଗରାଜ ମନ୍ଦିର ଏହାର ଉଦାହରଣ । ଶହ ଶହ ମନ୍ଦିରରେ ଭରପୂର ଭୁବନେଶ୍ୱର ସେଥିପାଇଁ ମନ୍ଦିରମାଳିନୀ ସହର । ପ୍ରିୟ ଭୁବନେଶ୍ୱର, ତୁମେ ଶାନ୍ତିର ରାଜଧାନୀ ହେବା ସମସ୍ତଙ୍କର ଆଶା ଥିଲା । କିନ୍ତୁ ସହରରେ ପ୍ରତିଦିନ ଧର୍ଷଣ, ହତ୍ୟା ଓ ଯାବତୀୟ ଅପରାଧ ଘଟଣା ସମସ୍ତଙ୍କୁ ତୀବ୍ର ଆଘାତ ଦେଉଛି । ତୁମେ ସର୍ବଂସହା, ସବୁ କିଛି ସହିପାର । କିନ୍ତୁ ସାଧାରଣ ଲୋକ ପାଖରେ ଲୁହ ଗଡ଼େଇବା ଛଡ଼ା ଆଉ କି ଉପାୟ ଅଛି ? ଭାବିଲି ତୁମକୁ କହିଦେଲେ ଦୁଃଖ ବୋଝ ଟିକେ ହାଲୁକା ହୋଇଯିବ । ସେଥିପାଇଁ ଏ ଚିଠି ।

ଓଡ଼ିଶାର ଏସଆଇଆର ମ୍ୟାପିଂ ମଡେଲ ଅଧ୍ୟୟନ ପାଇଁ ଭୁବନେଶ୍ୱରରେ ତେଲଙ୍ଗାନା ଟିମ୍

ଭୁବନେଶ୍ୱର: ନିର୍ବାଚନ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଦ୍ୱାରା ହାସଲ କରାଯାଇଥିବା ସଫଳତା ଏବଂ ପ୍ରଶଂସନୀୟ ମ୍ୟାପିଂ କାର୍ଯ୍ୟକୁ ଅନୁଧ୍ୟାନ କରିବା ପାଇଁ ତେଲଙ୍ଗାନାରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଗସ୍ତରେ ଆସିଛନ୍ତି । ଏହି ଦୁଇ ରାଜ୍ୟର ଅଧିକାରୀମାନେ ଓଡ଼ିଶାର ନିର୍ବାଚନୀ ମ୍ୟାପିଂ ବ୍ୟବସ୍ଥାକୁ ତର୍ଜମା କରିବା ସହିତ ଏହାକୁ ନିଜ ରାଜ୍ୟରେ କିପରି ପ୍ରୟୋଗ କରାଯାଇପାରିବ, ସେ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି । ଏହି ଗସ୍ତ ସମୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ୍. ଗୋପାଳନ, ଓଡ଼ିଶାରେ ହେଉଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ମ୍ୟାପିଂ କିପରି କାର୍ଯ୍ୟନ୍ୱୟନ କରାଯାଉଛି ସେ ଉପରେ ତେଲଙ୍ଗାନା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଏକ ସ୍ୱତନ୍ତ୍ର ଅଧିକାରୀ ଦଳ ସହିତ ବୈଠକରେ ଆଲୋଚନା କରିଥିଲେ । ଶ୍ରୀମତୀ ଏମ୍. ସତ୍ୟବାଣୀ, ଆଇ.ଏ.ଏସ୍., ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ ତେଲଙ୍ଗାନା, ବି. ହରି ସିଂହ, ଉପ-ମୁଖ୍ୟ ନିର୍ବାଚନ ଅଧିକାରୀ ,ଶ୍ରୀମତୀ ଟି. ପଦ୍ମାବତୀ, ଏସ.ଜି.ଡି.ସି , ଡି. ବିଜୟେନ୍ଦ୍ର ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ, ମେଡଚାଲ-ମାଲକାଜଗିରି,ଶ୍ରୀମତୀ କେ. ଚନ୍ଦ୍ରକଳା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହିଥିଲେ । ଏହି ଉଚ୍ଚସ୍ତରୀୟ ଟିମ୍ ୧୫ ଓ ୧୬ ଅପ୍ରେଲରେ ଓଡ଼ିଶାରେ ଚାଲିଥିବା କ୍ଷେତ୍ରସ୍ତରୀୟ ଏସଆଇଆର ମ୍ୟାପିଂ ପ୍ରକ୍ରିୟାକୁ ନିକଟରୁ ପର୍ଯ୍ୟବେକ୍ଷଣ କରିବେ । ଏହି ଗସ୍ତ କାର୍ଯ୍ୟକ୍ରମରେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଭୂମିକାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି । କ୍ଷେତ୍ରସ୍ତରରେ ଏସଆଇଆର ମ୍ୟାପିଂ କାର୍ଯ୍ୟରେ ନିୟୋଜିତ ଥିବା ବି.ଏଲ.ଓ.ମାନଙ୍କ ସହିତ ଅଧିକାରୀମାନେ ସିଧାସଳଖ ଆଲୋଚନା କରିବା ସହ ସେମାନଙ୍କ କାର୍ଯ୍ୟଦକ୍ଷତା ଓ ଅଭିଜ୍ଞତା ସମ୍ପର୍କରେ ମତ ବିନିମୟ କରିବେ । ନିର୍ବାଚନ କ୍ଷେତ୍ରରେ ଓଡ଼ିଶାର ଏହି ଅଭିନବ ପ୍ରୟାସକୁ ଅନ୍ୟ ରାଜ୍ୟଗୁଡ଼ିକ ଉଚ୍ଚ ପ୍ରଶଂସା କରିଥିବା ଜଣାପଡ଼ିଛି । ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଆର ଏସ ଗୋପଳନ, ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର,ଡେପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ, ଡେପୁଟି ସିଇଓ ଶ୍ରୀମତୀ ଅନାମିକା ସିଂ ଏବଂ ବିତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ଡଃ ମନୋରଞ୍ଜନ ସାହୁ , ନିର୍ବାଚକ ପଞ୍ଜୀକରଣ ଅଧିକାରୀ ତଥା ଉପ-ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. **ସଂପାଦକ: ପ୍ରକାଶ କୁମାର ଧଳ**
Mobile : 9439951525,Email: utkalsamachar@gmail.com/ utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 **Editor : Prakash Kumar Dhal**
CITY OFFICE: B/204, SECTOR-16, ROURKELA, Pin :769003

ହିଣ୍ଡାଲକୋ ପକ୍ଷରୁ ହୀରାକୁଦ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ "ଜ୍ଞାନାର୍ଜନ କେନ୍ଦ୍ର" ଉଦ୍‌ଘାଟିତ

ସମ୍ବଲପୁର,୧୭/୪(ନି/ପ୍ର): ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ପାରିପାର୍ଶ୍ୱିକ ଉନ୍ନୟନ ପଦକ୍ଷେପ ଅନୁସାରେ ହୀରାକୁଦ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ଗୁଣମାନ ବୃଦ୍ଧି ଏବଂ ଉଚ୍ଚ ଶିକ୍ଷା ପାଇଁ "ଜ୍ଞାନାର୍ଜନ କେନ୍ଦ୍ର"ର ଶୁଭ ଉଦଘାଟନ ହୋଇଛି । ଏହି କେନ୍ଦ୍ରଟି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମୋଦନ କ୍ରମେ ସ୍ଥାପନା କରାଯାଇଛି । ଏହି ଅବସରରେ ବ୍ଲକ୍ ଶିକ୍ଷା ଅଧିକାରୀ କରଣ ଶର୍ମା, ହିଣ୍ଡାଲକୋ ଓଡ଼ିଶା କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ ଡ଼. କୃଷ୍ଣା ପାଢ଼ୀ ଓ ଏଫ୍‌ଆରପି ପ୍ଲାଣ୍ଟ ମୁଖ୍ୟ ସୁରଜିତ ମିତ୍ର ଦୀପ ପ୍ରଜ୍ୱଳନ କରି କେନ୍ଦ୍ରଟିର ଶୁଭ ଉଦଘାଟନ କରିଥିଲେ ।କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସପ୍ତଶ୍ରୀ ମହାପାତ୍ର, ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ହିଣ୍ଡାଲକୋ ସ୍ମେଲ୍ଟର ପ୍ଲାଣ୍ଟ ମୁଖ୍ୟ ଶ୍ରୀଯୁକ୍ତ ପ୍ରତାପ ସାହୁ, ସିଏସଆର ଓଡ଼ିଶା କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର ,ଉପଦେଷ୍ଟା ସୁକାନ୍ତ କୁମାର ମହାପାତ୍ର, ସମୀର ମହାନ୍ତି, ଆନନ୍ଦ ଚକ୍ରବର୍ତ୍ତୀ, ଜୀତେଶ ରଥ, ଅର୍ଥ ବିଭାଗ ମୁଖ୍ୟ ରଘବୀନ୍ଦ୍ର ଆଚାର୍ଯ୍ୟ, ବିରାଟ ଗ୍ରୁପର ନିର୍ଦ୍ଦେଶକ ରାହୁଲ ରାଜଙ୍କ ସହ ବହୁ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀ ଶର୍ମା ତାଙ୍କ ଉଦବୋଧନରେ ହିଣ୍ଡାଲକୋଙ୍କ ଏହି ସୁଚିନ୍ତିତ ପଦକ୍ଷେପକୁ ସାଧୁବାଦ ଜଣାଇ କହିଥିଲେ ଯେ, ଏହି ଜ୍ଞାନାର୍ଜନ କେନ୍ଦ୍ର ଭବିଷ୍ୟତରେ ଛାତ୍ରଛାତ୍ରୀ ମାନଙ୍କୁ ଡାକ୍ତରି ଓ ଇଞ୍ଜିନିୟରିଂ ଶିକ୍ଷା ପାଇଁ ସୁଦୃଢ଼ ମୂଳଭିତ୍ତି ପ୍ରଦାନ କରିବ । ହିଣ୍ଡାଲକୋ ଓଡ଼ିଶା କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ ଡ଼. କ୍ରୀଷ୍ଣା ପାଢ଼ୀ ତାଙ୍କ ଉଦବୋଧନରେ କହିଥିଲେ ଯେ, "ହିଣ୍ଡାଲକୋ ଓ ହୀରାକୁଦ ଏକ ପରିବାର । ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତିଭୂମି ଉନ୍ନତି ମାଧ୍ୟମରେ ସ୍ଥାନୀୟ ଅଂଚଳର ସର୍ବାଙ୍ଗୀନ ବିକାଶ ପାଇଁ ହିଣ୍ଡାଲକୋ ସଦା ପ୍ରୟାସରତ ।" ହିଣ୍ଡାଲକୋ ମାନବ ସମ୍ବଳ ମୁଖ୍ୟ ଶ୍ରୀ ସିନ୍ଧେ କହିଥିଲେ ଯେ, ବହୁଦିନ ଧରି ଚାଲିଥିବା ଯୋଜନା ଓ ଚେଷ୍ଟାର ପରିଣାମ ସ୍ୱରୂପ ଆଜି ଏହି କେନ୍ଦ୍ର ଉଦଘାଟିତ ହୋଇପାରିଛି । ସେ ଛାତ୍ରଛାତ୍ରୀ ମାନଙ୍କୁ ଏହି ସୁଯୋଗକୁ ସଦ୍‌ବ୍ୟବହାର କରି ନିଜ ଭବିଷ୍ୟତ ଗଢ଼ିବାକୁ ଆହ୍ୱାନ ଜଣାଇଥିଲେ । ହିଣ୍ଡାଲକୋ ସ୍ମେଲ୍ଟର ପ୍ଲାଣ୍ଟ ମୁଖ୍ୟ ଶ୍ରୀ ପ୍ରତାପ ସାହୁ କହିଥିଲେ ଯେ, ଅଂଚଳର ଶିଶୁମାନଙ୍କ ଶିକ୍ଷାର ମାନ ଉନ୍ନତ କରିବା ଲକ୍ଷ୍ୟରେ ଦୀର୍ଘଦିନର ଆଲୋଚନା ପରେ ଏହି ଯୋଜନା ସଫଳ ରୂପେ କାର୍ଯ୍ୟରୂପ ନେଇଛି । କାର୍ଯ୍ୟକ୍ରମକୁ ସଫଳ କରିବାରେ ହିଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଜୟଶ୍ରୀ ରାଓ, ଶ୍ରୀଯୁକ୍ତ ସନ୍ତୋଷ କୁମାର ତ୍ରିପାଠୀ, ମିଳନ କୁମାର ସାହୁ, ରିଆଜ୍ ନାଗଙ୍କ ଓ ବିରାଟ ଗ୍ରୁପର ଜ୍ୟୋତି ରଞ୍ଜନ ଆଚାର୍ଯ୍ୟ ଓ ବିଦ୍ୟାଳୟର ବହୁ ଶିକ୍ଷକ ଶିକ୍ଷୟତ୍ରୀ ଗୁରୁତ୍ୱପୂର୍ଣ୍ଣ ସହଯୋଗ ରହିଥିଲା ।

ଲଖନପୁରରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

୪୧ଟି ଅଭିଯୋଗର ଶୁଣାଣି

ଝାରସୁଗୁଡ଼ା,୧୭/୪(ନି/ପ୍ର) :ଲଖନପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି କରିବା ସହ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଶିବିରରେ ମୋଟ ୪୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୨୮ଟି ବ୍ୟକ୍ତିଗତ ସମସ୍ୟା ଭିନ୍ନିକ ହୋଇଥିବା ବେଳେ ୧୩ଟି ସାମୂହିକ ଅଭିଯୋଗ ରହିଥିଲା । ଏଥିସହ ୩ ଜଣଙ୍କୁ ସହାୟତା ପାଣ୍ଠି ରୁ ୨୫,୦୦୦ ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି । ଏହି ଶିବିରରେ ମୁଖ୍ୟତଃ ଜମିଜମା ବିବାଦ, ବେଆଇନ ମଦ କାରବାର ଉପରେ ରୋକ ଲଗାଇବା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ସେବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନୂତନ ରାସନ କାର୍ଡ ପ୍ରଦାନ ଏବଂ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଅଭିଯୋଗମାନ ଆସିଥିଲା । ଜିଲ୍ଲାପାଳ ପ୍ରତ୍ୟେକଟି ଆବେଦନକୁ ଗୁରୁତ୍ୱର ସହ ବିଚାର କରି କେତେକ ସମସ୍ୟାର ତତ୍କାଳ ସମାଧାନ କରିବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଉକ୍ତ ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଲଖନପୁର ବ୍ଲକ ଅଧ୍ୟକ୍ଷା ହୁତେଶ୍ୱରୀ ତିହିରିଆ ଏବଂ ବିଡିଓ ବିନୟ କୁମାର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହିତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ନିଜ ନିଜ ବିଭାଗ ସମ୍ପର୍କିତ ସମସ୍ୟାର ଉତର ରଖିଥିଲେ ।

ଧୁମଧାମରେ ପାଳିତ ପହିଲା ବୈଶାଖ ଓ ବଙ୍ଗୀୟ ନବବର୍ଷ

ମାଲକାନଗିରି,୧୭/୪(ନି/ପ୍ର): ପହିଲା ବୈଶାଖ ଅବସରରେ ବଙ୍ଗୀୟ ନବବର୍ଷକୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ବଙ୍ଗୀୟ ଗ୍ରାମ ଗୁଡ଼ିକ ରେ ଆଜି ଧୂମଧାମ ରେ ପାଳିତ ହୋଇଯାଇଛି । ଏହି ଅବସରରେ ଏମଭି-୭୯ ଗ୍ରାମରେ ବେଶ ଉତ୍ସାହ ଓ ଆଡମ୍ବର ସହ ପାଳନ କରାଯାଇଛି । ଗ୍ରାମର ବଙ୍ଗୀୟ ସମ୍ପ୍ରଦାୟ ସହ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକମାନେ ମଧ୍ୟ ଏହି ଉତ୍ସବରେ ସାମିଲ ହୋଇ ସାମ୍ପ୍ରଦାୟିକ ସମ୍ମିଳନ ଓ ସୌହାର୍ଦ୍ଦ୍ୟର ଅନନ୍ୟ ଦୃଶ୍ୟ ପ୍ରଦର୍ଶନ କରିଥିଲେ । ସକାଳୁ ଘରେ ଘରେ ପୂଜାର୍ଚ୍ଚନା ସାରିବା ପରେ ମହିଳା ଓ ପୁରୁଷ ମାନେ ନଗର କୀର୍ତ୍ତନରେ ଭାଗ ନେଇଥିଲେ । ଭକ୍ତିମୟ ସଙ୍ଗୀତ, ଆଳତି ଓ ପରମ୍ପରାଗତ ଆଚାର-ବିଚାର ମାଧ୍ୟମରେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏହି ଅବସରରେ ସ୍ଥାନୀୟ ବଜାର ଓ ବ୍ୟବସାୟୀମାନେ ବିଶେଷ ପୂଜାର୍ଚ୍ଚନା କରି ନୂଆ ଖାତା ଖୋଲି ବ୍ୟବସାୟର ଶୁଭାରମ୍ଭ କରିଥିଲେ ।

ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧ ସମ୍ବଲପୁରର ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଅଭୂତପୂର୍ବ ସଫଳତା

ରାଜବୀର ସିଂ ୪୯୯/୫୦୦ ନମ୍ବର ରଖି ୯୯.୮% ସହ ବିଦ୍ୟାଳୟର ଟପର୍

ସମ୍ବଲପୁର,୧୭/୪(ନି/ପ୍ର):ସଦ୍ୟ ପ୍ରକାଶିତ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାଫଳ ରେ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର -୧ ସମ୍ବଲପୁର ଅଭୂତପୂର୍ବ ସଫଳତା ହାସଲ କରିଛି । ବିଦ୍ୟାଳୟର ସମସ୍ତ ୧୯୪ ରୁ ୧୯୪ ଜଣ ବିଦ୍ୟାର୍ଥୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ୧୦୦% ସଫଳତା ଆଣିଛନ୍ତି । ରାଜବୀର ସିଂ ୪୯୯/୫୦୦ ନମ୍ବର ରଖି ୯୯.୮% ସହ ବିଦ୍ୟାଳୟ ଟପର୍ ହୋଇଥିଲା ବେଳେ ଆର୍ଯ୍ୟନ ଦାଶ ୯୯.୪ % ଓ ରୁଦ୍ରାଂଶ କୁମାର ୯୯.୨ ରଖି ଯଥାକ୍ରମେ ୨ୟ ଓ ତୃତୀୟ ସ୍ଥାନର ଅଧିକାରୀ ହୋଇଛନ୍ତି । ସେହିଭଳି ତେଜସ୍ୱୀ କୁଳଦୀପ(୯୯%), ଆଦ୍ୟା ଆଦର୍ଶ(୯୮.୨%), ସାନ୍ୱିକ ଶେଖର(୯୮.୨%), ଅତୁଲ ଶର୍ମା(୯୮%), ଶ୍ରେୟା ସୁମନ(୯୬.୬%), ପ୍ରୀୟସା ଭୋଇ(୯୬.୨%) ଓ ସମ୍ୟକ ପ୍ରଧାନ(୯୭%) ରଖି ଟପ୍ ଟେନରେ (ପ୍ରଥମ ଦଶ ଜଣ) ରେ ନିଜ ନାମକୁ ଲିପିବଦ୍ଧ କରିଛନ୍ତି । ସୂଚନାଯୋଗ୍ୟ ଯେ ବିଦ୍ୟାଳୟ ର ୬୦ ଜଣ ବିଦ୍ୟାର୍ଥୀ ସଂସ୍କୃତ ବିଷୟରେ, ୭ ଜଣ ଗଣିତ ବିଷୟରେ, ୬ ଜଣ ସାମାଜିକ ବିଜ୍ଞାନ ବିଷୟରେ, ୩ ଜଣ ଇଂରାଜୀ ବିଷୟରେ ଓ ୨ଜଣ ବିଜ୍ଞାନ ବିଷୟରେ ୧୦୦ ରୁ ୧୦୦ ମାର୍କ ରଖି ସଫଳତାକୁ ଉତ୍ସବ ମୁଖର କରିଛନ୍ତି । ସଂସ୍କୃତ ରେ ସମସ୍ତେ ଉଚ୍ଚମାନର ନମ୍ବର ରଖିଥିଲା ବେଳେ ୬୦ ଜଣ ଛାତ୍ରଛାତ୍ରୀ ୧୦୦ ରୁ ୧୦୦ ନମ୍ବର ରଖିବା ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଏକ ମାଇଲଖୁଣ୍ଟ ସ୍ଥାପନ କରିପାରିଛି ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ରଣରଞ୍ଜୟ ସିଂ ମତ ପ୍ରକାଶ କରିବା ସହ ବିଷୟ ଅଧ୍ୟାପକମାନେ ଛାତ୍ରଛାତ୍ରୀଙ୍କୁ ସାଧୁବାଦ ଜଣାଇଛନ୍ତି । ସମସ୍ତ ବିଷୟରେ ଗୁଣାତ୍ମକ ଫଳାଫଳ ଓ ଦଶମ ଶ୍ରେଣୀ ର ଏହି ଅଭୂତପୂର୍ବ ସଫଳତାର ଶ୍ରେୟ ସମସ୍ତ ଅଧ୍ୟାପକ - ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ ତଥା ଅଭିଭାବକଙ୍କ ସହଯୋଗ କୁ ଯାଉଛି ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ମତ ପ୍ରକାଶ କରିବାସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅବିଭାବକ ମହଲରେ ମଧ୍ୟ ବିଦ୍ୟାଳୟର ସଫଳତା କୁ ପ୍ରଶଂସା ମିଳିଥିବା ବେଳେ ଗୁଣାତ୍ମକ ଶିକ୍ଷା କ୍ଷେତ୍ର ରେ ବିଦ୍ୟାଳୟ ଏକ ମାଇଲଖୁଣ୍ଟ ସ୍ଥାପନ କରିପାରିଛି ତଥା ଆଗାମୀ ଦିନରେ ଉନ୍ନରୋତର ଉନ୍ନତି ନିମନ୍ତେ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ମତ ପ୍ରକାଶ କରିଥିଲେ ।

ମୁଖ୍ୟମନ୍ତ୍ରୀ କପ ଫୁଟବଲ ଟୁର୍ନାମେଣ୍ଟରେ ମେହେର ଆସୋସିଏସନ ୩ - ୦ ରେ ବିଜୟୀ

ସମ୍ବଲପୁର,୧୭/୪(ନି/ପ୍ର): ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ରେ ଜିଲ୍ଲାସ୍ତରୀୟ ୧୪ ବର୍ଷ ରୁ କମ ଅନ୍ତଃ କ୍ଲବ ମୁଖ୍ୟମନ୍ତ୍ରୀ କପ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହେଉଛି ଓ ଓଡିଶା ସରକାର ଙ୍କର କ୍ରୀଡା ଓ ଯୁବ ସେବା ବିଭାଗ ଓ ଜିଲ୍ଲା କ୍ରୀଡା ସଂଘ ର ମିଳିତ ଆନୁକୂଲ୍ୟରେ ରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଗୁରୁବାର ସକାଳେ ମେହେର ଆସୋସିଏସନ ବନାମ ସମ୍ବଲପୁର ରେଲୱେ ଏକାଡେମୀ ମଧ୍ୟରେ ମ୍ୟାଚ ଆୟୋଜିତ ହୋଇଯାଇଛି । ଆଜିର ମ୍ୟାଚ ପାଇଁ ବିଜେପି ର ବରିଷ୍ଠ ନେତା ସୂର୍ଯ୍ୟ ପାଣିଗ୍ରାହୀ ଓ ସରୋଜ ସାହୁ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଦୁଇ ଦଳର ଖେଳାଳିଙ୍କୁ ସାକ୍ଷାତ କରିବା ସହ ଉତ୍ସାହିତ କରିଥିଲେ ଓ ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ କ୍ରୀଡା ସଂଘ ର ସଭ୍ୟ ପ୍ରଦୀପ ପଣ୍ଡା ଓ ଖଡ଼ିରନ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ଓ ଏହି ଟୁର୍ନାମେଣ୍ଟର ପରିଚାଳନା ଦାୟିତ୍ୱରେ ଥିବା ଫୁଟବଲ ସମ୍ପାଦକ ଅବଦୁଲ ଗଫର, ସୁବାଷ ଚନ୍ଦ୍ର ରାଉତ, ପଦ୍ମନାଭ ନାୟକ, ସୟଦ ଜିନ୍ଦାବାଦ, ମହମ୍ମଦ ବରକତ, ଟୁଟୁ ବାହାଦୁର ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଏହି ଫୁଟବଲ ମ୍ୟାଚ ରେ ଉଭୟ ଦଳ ର ଖେଳାଳି ମାନେ ଖୁବ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିଥିଲେ ।ମେହେର ଆସୋସିଏସନ ର ଖେଳାଳି ମାନେ ଖୁବ ସୁନ୍ଦର ଖେଳ ପ୍ରଦର୍ଶନ କରି ରେଲୱେ ଏକାଡେମୀକୁ ୩ - ୦ ଗୋଲ ଦେଇ ପରାସ୍ତ କରିଥିଲେ କ୍ଷ ମେହେର ଆସୋସିଏସନ ଦଳ ପକ୍ଷରୁ ସବ୍ୟସାଚୀ ମୁଣ୍ଡା ଖେଳର ୨୩ ମିନିଟ ଓ ୨୬ ମିନିଟ ରେ ୨ଟି ଗୋଲ ଓ କୃଷ୍ଣ ଓରାମ ଖେଳର ୫୨ ମିନିଟରେ ଗୋଟିଏ ଗୋଲ ଦେଇଥିଲେ । ଆଜିର ଖେଳରେ ସବ୍ୟସାଚୀ ମୁଣ୍ଡା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ଓ ଆଜିର ଖେଳରେ ରେଫରୀ ଭାବରେ ଅରୁଣ ଭୋଇ, ପରେଶ ପଧାନ, ସରୋଜ ବାଗ ଓ ଅଜୟ କୁମାର ମାଝୀ ପରିଚାଳନା କରିଥିଲେ ।

ସାଢ଼େ ୮ ଲକ୍ଷ ଟଙ୍କାର ଜାଲ୍ ନୋଟ୍ ଜବତ : ଯାଜପୁର ଓ ନୟାଗଡ଼ର ୨ ଯୁବକ ଗିରଫ

ସୋନପୁର,୧୭/୪(ନି/ପ୍ର): ବୌଦ୍ଧରୁ ଅନ୍ୟ ରାଜ୍ୟକୁ ଚୋରା ଚାଲାଣ ବେଳେ ସୋନପୁର ପୁଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଆସୁଛି । ଏବେ ନକଲି ନୋଟ୍ ଚଳାଇବାକୁ ଆସି ଦୁଇ ଯୁବକ ପୁଲିସ ହାତରେ ଧରାପଡ଼ିଛନ୍ତି । ସେମାନଙ୍କ ପାଖରୁ ୮ ଲକ୍ଷ ୪୭ ହଜାର ୫୦୦ ଟଙ୍କାର ନକଲି ୫ ଶହ ଟଙ୍କିଆ ନୋଟ୍ ଜବତ ହୋଇଛି । ଏହି ଘଟଣାରେ ପୁଲିସ ଏକ ସ୍କର୍ପିଓ ଗାଡ଼ି ଜବତ କରିବା ସହ ଯାଜପୁର ଓ ନୟାଗଡ଼ ଜିଲ୍ଲାରୁ ଦୁଇ ଜଣ ଯୁବକଙ୍କୁ ଅଟକ ରଖିଛି । ଜାଲ ନୋଟ୍ କାରବାରରେ ବରଗଡ଼ ଓ ଛତିଶଗଡ଼ ରାୟପୁରର ଲିଙ୍କ୍ ରହିଥିବା ବୁଧବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନାରାୟଣ ନାୟକ ସୂଚନା ଦେଇଛନ୍ତି । ସୂଚନା ମୁତାବକ, ମଙ୍ଗଳବାର ସନ୍ଧ୍ୟାରେ ପୁଲିସ ପାଟ୍ରୋଲିଂ ଚାଲିଥିବାବେଳେ ଏକ କଳା ରଙ୍ଗର ସ୍କର୍ପିଓ (ଓଡି୩୪-ଜେଡ୍-୧୯୧୯) ଇତଃସ୍ତତଃ ଭାବେ ସହରରେ ବୁଲାବୁଲି କରୁଥିବା ଏସ୍‌ଆଇ ଅନୀଲ ବେହେରା ଲକ୍ଷ୍ୟ କରିଥିଲେ । ଗାଡ଼ିକୁ ବ୍ଲକ୍ ଛକରେ ଅଟକାଇ ଯାଞ୍ଚ କରିବାବେଳେ ଏକ ନୀଳ ରଙ୍ଗର କ୍ୟାରିବ୍ୟାଗ୍‌ରୁ ୧୬୯୫ଟି ନକଲି ୫୦୦ ଟଙ୍କିଆ ନୋଟ୍ ମିଳିଥିଲା । ଏ ନେଇ ସୋନପୁର ଥାନା ୧୨୬ ନମ୍ବରରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଛି । ସମସ୍ତ ନୋଟ୍ ସମାନ ନମ୍ବର ବିଶିଷ୍ଟ ହୋଇଥିବା ବେଳେ ୱାଟରମାର୍କ ଓ ଅନ୍ୟ ସୁରକ୍ଷା ବ୍ୟବସ୍ଥା ନାହିଁ । ଏହି ନୋଟ୍‌କୁ ସେମାନେ ବରଗଡ଼ ଜିଲ୍ଲାରୁ ସଂଗ୍ରହ କରି ସୁବର୍ଣ୍ଣପୁର ଓ ଅନ୍ୟ ଅଂଚଳକୁ ଚାଲାଣ କରିବାକୁ ଆସିଥିବା ତଦନ୍ତ ବେଳେ ପୁଲିସକୁ କହିଛନ୍ତି । ଅଭିଯୁକ୍ତଦ୍ୱୟ ହେଲେ ଯାଜପୁର ଜିଲ୍ଲା ଯଖପୁରା ଥାନା ଅଂଚଳର ଅଭିଳାଷ ପୁରୁଷୋତମ ଶତପଥୀ ଓରଫ୍ ଲିବୁନ (୨୧) ଓ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ମର୍ଦ୍ଦରାଜପୁର ଗ୍ରାମର ପ୍ରଶାନ୍ତ ଦାସ (୩୪) । ପ୍ରକାଶଥାଉକି, ପଶ୍ଚିମ ଓଡ଼ିଶାରେ ବରଗଡ଼ ଓ ଓ ସୁବର୍ଣ୍ଣପୁର ଜିଲ୍ଲା ନକଲି ନୋଟ୍ କାରବାରର ପେଣ୍ଠସ୍ଥଳ ଥିବା ବେଳେ ଗତ କିଛି ବର୍ଷ ହେବ କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲାରେ ଏହା ଜୋରସୋର ଚାଲିଥିଲା । କଳାହାଣ୍ଡି ଜିଲ୍ଲା କେଗାଁ ଥାନା ମହାଲିଙ୍ଗ ଅଂଚଳରୁ ପ୍ରାୟ ୩୫ ଲକ୍ଷ ଟଙ୍କାର ଜାଲ ନୋଟ୍ ଆଣିବାବେଳେ ଏସ୍‌ଟିଏଫ୍ ଟିଟିଲାଗଡ଼ ପୁଲିସ ସହାୟତାରେ ଜଣଙ୍କୁ ଗିରଫ କରିଥିଲା । ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସ୍‌ପି କେ.କେ ହରିପ୍ରସାଦ ଓ ଏସ୍‌ଆଇ ଅନୀଲ ବେହେରା ଉପସ୍ଥିତ ଥିଲେ ।

ରାଇରଙ୍ଗପୁର ଓ ଆଖପାଖ ଅଂଚଳରେ ଏମ୍ସ ସହଯୋଗରେ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ସେବା

ଭୁବନେଶ୍ୱର, ୧୭/୪(ନି/ପ୍ର): ରାଇରଙ୍ଗପୁର, ମୟୂରଭଞ୍ଜ ଆଖପାଖ ଅଂଚଳର ଲୋକମାନଙ୍କୁ ଏମ୍ସ ଭୁବନେଶ୍ୱର ସହାୟତରେ ବିଭିନ୍ନ ପ୍ରକାରର ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ । ଏଥି ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତରେ ଆଜି ରାଜ୍ୟ ଲୋକସେବା ଭବନ ସଭା ଗୃହରେ ଭୁବନେଶ୍ୱର ଏମ୍ସ ଏବଂ ଓଡିଶା ସରକାର ଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏ ବିଷୟରେ ସୂଚନା ଦେଇ ମନ୍ତ୍ରୀ ଡଃ ମହାଲିଙ୍ଗ କହିଥିଲେ ଯେ ପ୍ରଧନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପ୍ରେରଣାରେ ଆଜି ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହା ଫଳରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଏମ୍ସ ଭୁବନେଶ୍ୱରଙ୍କ ସହଯୋଗିତାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ମିଳିପାରିବ । ରାଇରଙ୍ଗପୁର ଅଂଚଳ ସହିତ କେନ୍ଦୁଝର, ମୟରଭଞ୍ଜ ଓ ଆଖପାଖ ଜିଲ୍ଲାର ଅଧିବାସୀ ମାନେ ଉପକୃତ ହେବେ । ରାଇରାଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ନୂତନ ହସ୍ପିଟାଲ୍ ନିର୍ମାଣ ରେ ଏମ୍ସ ଭୁବନେଶ୍ୱର ସହାୟତା ଯୋଗାଇବ । ଏହା ସହ ରୋଗୀଙ୍କର ଚାହିଦା ଅନୁଯାୟୀ ବିଭିନ୍ନ ସ୍ପେଶିଆଲିଷ୍ଟ ବିଭାଗର ବହିଃ-ରୋଗ ଚିକିତ୍ସା ସେବା,ମାସିକ/ଦ୍ୱିମାସିକ ଭିତିରେ ମେଡିକାଲ କ୍ୟାମ୍ପ ,ଦନ୍ତ ଚିକିତ୍ସା ଶିବିର, ଚକ୍ଷୁ ଚିକିତ୍ସା, ସଂକ୍ରାମକ ରୋଗ ସେବା ଶିବିର ଆଦିର ଆୟୋଜନ କରାଯିବ । ଟେଲି ଯୋଗାଯୋଗ ମାଧ୍ୟମରେ ପରାମର୍ଶ ଓ ଚିକିତ୍ସା ଏବଂ ଜରୁରୀ ସ୍ଥିତିରେ ଭୁବନେଶ୍ୱର ଏମ୍ସକୁ ରୋଗୀଙ୍କ ସ୍ଥାନାନ୍ତର ସୁଗମ ଓ ସହଯୋଗ କରିବା ଆଦି ଏହି ବୁଝାମଣା ପତ୍ରର ମୁଖ୍ୟ ଅଂଶ ।

ଗୁଡଭେଲାର ମହା ବିଷୁବ ମିଳନ ଅନୁଷ୍ଠିତ

ବଲାଙ୍ଗୀର, ୧୭/୪(ନି/ପ୍ର): ସମ୍ବାଦ ସାହିତ୍ୟ ଘର, ଗୁଡଭେଲା ଆନୁକୂଲ୍ୟରେ ସମ୍ଭବ କଲେଜ ଧାନଘରା ଠାରେ ମହା ବିଷୁବ ମିଳନ ୨୦୨୬ ସଭାପତି ଡ. ଶ୍ୟାମସୁନ୍ଦର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ଡ. ସୁଧାଂଶୁ ଭୁଷଣ ମେହେର ଯୁବପିଢ଼ି ପିତାମାତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଥିଲେ । ସେ ଆହୁରି କହିଥିଲେ ଯେ, 'ଦୂର ବନ୍ଧୁ ସହ ସମ୍ପର୍କ ଯୋଡିବାକୁ ଯାଇ ପାଖ ସମ୍ପର୍କୀୟଙ୍କୁ ଭୁଲିଯିବା ଉଚିତ ନୁହେଁ ।' ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଆଧ୍ୟାତ୍ମିକ ପ୍ରବଚକ ଡମ୍ବରୁ ଧର ରଣା ଯୋଗଦେଇ ମାଁ ଓ ମାଟି ପ୍ରତି ମମତା ସର୍ବଦା ଅତୁଟ ରହିବା ଉଚିତ ବୋଲି କହିଥିଲେ । ସମ୍ମାନିତ ବକ୍ତାଭାବେ ବିଶିଷ୍ଟ କବି ବରୁଣ କୁମାର ସାହୁ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ସୁଧାକର ପ୍ରଧାନ ଯୋଗ ଦେଇଥିଲେ । ସଂପାଦକ ଆଶୁକବି ଡ. ହେମନ୍ତ କୁମାର ଦାଶ ମଂଚ ସଂଚାଳନ କରିଥିଲେ ଓ ଶିକ୍ଷକ ରମେଶ ଚନ୍ଦ୍ର ରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍ଥାନୀୟ କଲେଜର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । କଲେଜର ଚେୟାରମେନ ତଥା ଏମ୍.ଡି ସୁମନ୍ତ ରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମଂଚୀୟ କାର୍ଯ୍ୟକ୍ରମ ପରେ କବୟିତ୍ରୀ ତୃପ୍ତିମୟୀ ତ୍ରିପାଠୀ, ବବିତା ନାୟକ, ହୀରାବତୀ ସାହୁ, ରେଣୁକା ସାହୁ, ନିହାରିକା ନନ୍ଦ ତଥା କବି ଦେବେନ୍ଦ୍ର କୁମାର ଭୋଇ, ସୁବଳ ସାହୁ, ପିତାମ୍ବର ସା, ପ୍ରହଲ୍ଲାଦ ଦଣ୍ଡସେନା, ପ୍ରକାଶ ସାହୁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । କବି ସନ୍ତୋଷ କୁମାର ବେହେରା, ଭକ୍ତବନ୍ଧୁ ସାହୁ, ଦେବାଶିଷ ମହାପାତ୍ର, ନିବେଦିତା ମହାପାତ୍ର, ସୁଶୀଳ କୁମାର ଦାଶ, ଜ୍ୟୋତିରଞ୍ଜନ ପ୍ରଧାନ, ରାକେଶ ବାରିକ, ରୁଦ୍ର ନାରାୟଣ ରଣା, ବିଶ୍ୱରଞ୍ଜନ ରାଉତ, ବୁଦ୍ଧଦେବ ପ୍ରଧାନ, ବିଶ୍ୱଜିତ ପଣ୍ଡା ପ୍ରମୁଖ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ । ଶେଷରେ ସଂଯୋଜକ ଅରବିନ୍ଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଲୁଗାଁରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ଚିଲିକା ପୁସ୍ତକ ମେଳା

ଭୁବନେଶ୍ୱର, ୧୭/୪(ନି/ପ୍ର): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ଚିଲିକା ପୁସ୍ତକ ମେଳା । ଏହି ମେଳା ଆସନ୍ତା ଏପ୍ରିଲ ୨୪ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଚିଲିକା କୂଳରେ ଥିବା ବାଲୁଗାଁ କଲେଜ ପଡିଆରେ ଏହି ପୁସ୍ତକ ମେଳା ଅନୁଷ୍ଠିତ ହେବ । ଏହାର ସଫଳତା ପାଇଁ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ତାଙ୍କ ବାସଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଟକ ଓ ଭୁବନେଶ୍ୱର ପ୍ରକାଶକ ସଂଘର ସଦସ୍ୟମାନେ ଯୋଗଦେଇ ମେଳାରେ ଅଂଶ ଗ୍ରହଣ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି । ଏଥିସହିତ ଏହି ମେଳାର ସଫଳତା ଉପରେ ସେମାନେ ନିଜସ୍ୱ ମତ ମନ୍ତ୍ରୀଙ୍କ ନିକଟରେ ଉପସ୍ଥାପିତ କରିଥିଲେ । ୫ ଦିନ ଧରି ଚାଲିବାକୁ ଥିବା ଏହି ମେଳାରେ ରାଜ୍ୟର ପ୍ରତିଷ୍ଠିତ ପ୍ରକାଶକମାନେ ପ୍ରାୟ ୮୦ଟି ଷ୍ଟଲ ମାଧ୍ୟମରେ ସେମାନଙ୍କର ପୁସ୍ତକ ପ୍ରଦର୍ଶନ ତଥା ବିକ୍ରୟ କରିବେ । ଏଥିସହିତ ଏହି ମେଳାରେ ବିଭିନ୍ନ ଖାଦ୍ୟ ଷ୍ଟଲ ମଧ୍ୟ ସ୍ଥାପନ କରାଯିବ ବୋଲି ନିଷ୍ପତି ଗ୍ରହଣ କରାଯାଇଛି । ପ୍ରଥମ ଦିନରେ ଏହି ମେଳାକୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ପ୍ରଥମ ଦିନରେ ସାଂସଦ ସମ୍ବିତ ପାତ୍ର, ଜିଲ୍ଲାପାଳ ଅମ୍ରିତ ଋତୁରାଜ, କିଟ୍ କିସ୍ ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତ, ସାହିତ୍ୟିକ ଡ ଶଶାଙ୍କ ଶେଖର ଚୂଡାମଣି ଯୋଗ ଦେବେ ।

ସିଏଆଇଟିର ଅଧ୍ୟକ୍ଷ ପଦରେ ବ୍ରିଜମୋହନ ଅଗ୍ରୱାଲ ନିର୍ବାଚିତ

ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିର ସଦସ୍ୟ ଅଛନ୍ତି ବ୍ରିଜମୋହନ ଅଗ୍ରୱାଲ

ରାଉରକେଲା,୧୭/୪(ନି/ପ୍ର): କନଫେଡରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (ଉଇଓଞ୍ଚ)ର ବାର୍ଷିକ ସାଧାରଣ ବୈଠକ ୨୦୨୬ ଏପ୍ରିଲ ୧୬ ତାରିଖ ଦିନ ନୂଆଦିଲ୍ଲୀର ହୋଟେଲ ବେଲ୍-ଲା ମୋଣ୍ଟେ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉଇଓଞ୍ଚର ବାର୍ଷିକ ରିପୋର୍ଟ ମହାସଚିବ ପ୍ରବୀଣ ଖଣ୍ଡେଲୱାଲ ଉପସ୍ଥାପନ କରିବା ପରେ, ୨୦୨୬-୨୦୨୮ ବର୍ଷ ପାଇଁ ଉଇଓଞ୍ଚର ଜାତୀୟ ପରିଷଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉଇଓଞ୍ଚର ସଦସ୍ୟମାନେ ସର୍ବସମ୍ମତିକ୍ରମେ ରାଉରକେଲାର ବ୍ରିଜ ମୋହନ ଅଗ୍ରୱାଲଙ୍କୁ ଜାତୀୟ ଅଧ୍ୟକ୍ଷ, ନାଗପୁରର ବାଳକୃଷ୍ଣ ଭାରତୀୟଙ୍କୁ ଜାତୀୟ ସଭାପତି ଏବଂ ପ୍ରବୀଣ ଖଣ୍ଡେଲୱାଲ (ଦିଲ୍ଲୀ ଚାନ୍ଦିନୀଚୌକ ଲୋକସଭା ସାଂସଦ)ଙ୍କୁ ଜାତୀୟ ମହାସଚିବ ଭାବରେ ପୁନଃନିର୍ବାଚିତ କରିଥିଲେ। ସେହିପରି ଓଡ଼ିଶାରୁ ନିର୍ବାଚିତ ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ ଅନୁଗୁଳର ଆର.କେ. ଶୁକ୍ଲାଙ୍କୁ ଜାତୀୟ ଉପାଧ୍ୟକ୍ଷ, ଭୁବନେଶ୍ୱରର ସୁଧାକର ପଣ୍ଡାଙ୍କୁ ଜାତୀୟ ସଂଗଠନ ସମ୍ପାଦକ ଏବଂ ଝାରସୁଗୁଡାର ହୀରାଲାଲ ଲୋକଚନ୍ଦାନୀଙ୍କୁ ଜାତୀୟ ସମ୍ପାଦକ ଭାବରେ ପୁନଃନିର୍ବାଚିତ କରାଯାଇଥିଲା। ଉଇଓଞ୍ଚର ଏହି ବୈଠକ ଓ ନିର୍ବାଚନ ଏକ ଅତ୍ୟନ୍ତ ସୌହାର୍ଦ୍ଦପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଥିଲା। ସମଗ୍ର ଦେଶର ୯ କୋଟି ବ୍ୟବସାୟୀଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ସଂଘର ଲଢ଼େଇ ଲକ୍ଷ୍ୟ ପ୍ରତି ନିର୍ବାଚିତ ନେତାମାନେ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

ରାଉରକେଲାର ଜଣେ ୮ ବର୍ଷିୟ ଛାତ୍ରଙ୍କ ଆକସ୍ମିକ ମୃତ୍ୟୁ :

ଅଂଶୁଘାତର ପ୍ରଥମ ମୃତ୍ୟୁ ବୋଲି ଅଭିଯୋଗ

ରାଉରକେଲା,୧୭/୪(ନି/ପ୍ର): ତରକେରା ପମ୍ପ ହାଉସ୍ ସମ୍ମୁଖସ୍ଥ ତରକେରା ପୁରୁଣା କଲୋନୀର ଶୁଭ୍ରାଂଶୁ ବେହେରା ନାମକ ଜଣେ ୮ ବର୍ଷିୟ ବାଳକ ପାନପୋଷ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସ୍କୁଲର ଛାତ୍ର ପରିସ୍ରା ଯାଇଥିବା ବେଳେ ହଠାତ୍ ତଳେ ପଡିଯାଇ ମୃତ୍ୟୁ ହୋଇଛି। ଏହାକୁ ନେଇ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକମାନେ ଗରୀବ ଛାତ୍ରଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଛି ବୋଲି ଅଭିଯୋଗ କରାଯାଇଛି। ସରସ୍ୱତୀ ଶିଶୁ ମନ୍ଦିରର ଶିକ୍ଷୟତ୍ରୀ ଏବଂ ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ ଆଜି ଶୁକ୍ରବାର ସକାଳ ୬ଟା ୧୦ ସମୟରେ ମୃତ ଛାତ୍ର ଶୁଭ୍ରାଂଶୁ ବେହେରା ପାନପୋଷ ସରସ୍ୱତୀ ଶିଶୁ ମନ୍ଦିର ସ୍କୁଲରେ ପହଚିଂ ଥିଲେ। ସେଠାରେ ପାଠ ପଢାଉଥିବା ଶିକ୍ଷୟତ୍ରୀ ଏବଂ ସହାୟିକାମାନେ ୬ଟା ୧୫ ସମୟରେ ସ୍କୁଲରେ ପହଚିଂ ଥିଲେ। ସ୍କୁଲ ଚାଲିଥିବା ବେଳେ ପ୍ରାୟ ୭ଟା ସମୟରେ ମୃତ ଶୁଭ୍ରାଂଶୁ ପରିସ୍ରା କରିବାକୁ ଯାଇ ତଳେ ପଡିଯାଇଥିଲେ। ସ୍କୁଲର ଶିକ୍ଷୟତ୍ରୀ ଖବର ଶୁଣି ସଙ୍ଗେ ସଙ୍ଗେ ସେଠାରେ ପହଚିଂ ଶୁଭ୍ରାଂଶୁଙ୍କୁ ଉଠାଇ ଆଣି ପାଣି ଛାଟିବା ପରେ ମଧ୍ୟ ଶୁଭ୍ରାଂଶୁଙ୍କ ଚେତା ପଡିନଥିଲା। ତତ୍ପରେ ସେମାନେ ତାଙ୍କ ପିତାମାତାଙ୍କୁ ଫୋନ୍ କରି ଜଣାଇବା ସହ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଯାଇଥିଲେ। ଡାକ୍ତର ସେଠାରେ ମୃତ ଛାତ୍ରଙ୍କ ଇସିଜି କରିବା ପରେ ମୃତ ବୋଲି ଘୋଷଣା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ମୃତ୍ୟୁ ଘଟିଥିବା ଛାତ୍ରଙ୍କ ପିତା ବିଜୟ କୁମାର ବେହେରା ଜଣେ ଗରୀବ ଶ୍ରେଣୀର ଲୋକ ହୋଇଥିବା ବେଳେ ପ୍ରାୟ ବର୍ଷେ ପୂର୍ବରୁ ଏକ ଦୁର୍ଘଟଣାରେ ତାଙ୍କର ଗୋଡ କଟିଯାଇଛି। ତାଙ୍କର ଆଉ ଗୋଟିଏ ପୁତ୍ର ୧୨ ବର୍ଷର ଥିବାବେଳେ, ସେ ଅକାମୀ ହୋଇ କାମଦାମ କରିପାରୁନାହାନ୍ତି। ୮ ବର୍ଷିୟ ଛାତ୍ରଙ୍କ ଆକସ୍ମିକ ମୃତ୍ୟୁ ଯୋଗୁଁ ପରିବାର ଲୋକଙ୍କ ସମେତ ପଡୋଶୀ ମଧ୍ୟ ବ୍ୟଥିତ ହୋଇପଡିଛନ୍ତି। ଗତକାଲି ରାଉରକେଲାରେ ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ ଥିବା ବେଳେ ସଂପୃକ୍ତ ଛାତ୍ର ଅଂଶୁଘାତ (ଝଙ୍କଭଉଙ୍କକ୍ସଭ)ର ଶିକାର ହୋଇଥିବା ଅନୁମାନ କରାଯାଉଛି। ଆଜି ସକାଳେ ଖାଲି ପେଟରେ ସ୍କୁଲରେ ପହଚିଂବା ପରେ ଅଂଶୁଘାତର ପ୍ରତିଫଳନ ଘଟିବା ପରେ ଏହି ଘଟଣା ଘଟିଛି ବୋଲି ଅଭିଯୋଗ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ଏବଂ ପ୍ରଶାସନ ପକ୍ଷରୁ ଘଟଣାକୁ ସଂଗୀନ ନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

ରାଉରକେଲା ପ୍ଲାଂଟସାଇଟ୍ ପୋଲିସ୍ ଦ୍ୱାରା ଦୁଇ ଅଭିଯୁକ୍ତଙ୍କୁ ଗିରଫ ସହ ଚୋରି ପଦାର୍ଥ ଉଦ୍ଧାର

ରାଉରକେଲା,୧୭/୪(ନି/ପ୍ର): ପ୍ଲାଂଟସାଇଟ୍ ପୋଲିସ୍ ପକ୍ଷରୁ ଏକ ଚୋରି ମାମଲାର ସଫଳତାର ସହ ତଦନ୍ତ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ଯାଇଥିବା ସାଉଣ୍ଡ ସିଷ୍ଟମକୁ ଜବତ୍ କରିଛି। ଚୋରି ଘଟଣାରେ ସଂପୃକ୍ତ ମୋନୁ ଶର୍ମା ଏବଂ ପ୍ରବୀଣ ଗିରି ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଯଥା, ଦୁଇଟି ଷ୍ଟ୍ରେଞ୍ଜର ମ୍ୟୁଜିକ୍ ଆମ୍ପ୍ଲିଫାୟାର, ଗୋଟିଏ ପୋଡିୟମ୍ ମାଇକ୍ ସେଟ୍ ସହିତ ସାଉଣ୍ଡ ସିଷ୍ଟମର ତମ୍ବା ତାର, ୦୪ଟି ପାର୍ ଲାଇଟ୍ ଏବଂ ମଡେଲ୍ ନମ୍ବର ଉଉଔ-୩ଇଞ୍ଚ ଥିବା ଗୋଟିଏ ଉଔ ମିକ୍ସଚର ଏବଂ କର୍ଡ ଜବତ କରିଛି। ଅଭିଯୁକ୍ତମାନେ ରାଉରକେଲାର ଗୋପବନ୍ଧୁପାଲ୍ଲିର ହୋଇଥିଲା ବେଳେ, ଅଭିଯୋଗକାରୀ ସୁନୀଲ କୁମାର ସଏଙ୍କ ଦୋକାନରୁ ସମସ୍ତ ସାଉଣ୍ଡ ସିଷ୍ଟମ୍ ଚୋରି କରିଥିଲେ। ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ପ୍ଲାଂଟସାଇଟ୍ ଥାନା ଅଧିନସ୍ଥ ଗୋପବନ୍ଧୁପାଲି ସ୍ଥିତ ବୈଷ୍ଣୋଦେବୀ ଜୟମାତା ମନ୍ଦିର ଅଂଚଳରେ ଏବଂ ଦ୍ୱିତୀୟ ଅଭିଯୁକ୍ତ ହେଲେ ପ୍ଲାଂଟସାଇଟ୍ ଥାନା ଅଧିନସ୍ଥ ଗୋପବନ୍ଧୁପାଲ୍ଲିର ବୈଷ୍ଣୋଦେବୀ ଜୟମାତା ମନ୍ଦିର ଅଂଚଳର ପ୍ରଫୁଲ୍ଲ ଗିରିଙ୍କ ପୁଅ ପ୍ରବୀଣ ଗିରି (୨୦)। ସମାନଙ୍କ ନିକଟରୁ ନାମ ବିହୀନ ମ୍ୟୁଜିକ୍ ଏମ୍ପ୍ଲିଫାଏର, ପୋଡିୟମ ମାଇକ ସେଟ୍ ସହିତ ସାଉଣ୍ଡ ସିଷ୍ଟମର ତମ୍ବା ତାର, ୪ଟି ପେୟାର ଲାଇଟ୍ ଏବଂ ସେଲଫ୍ କର୍ଡ ସହ ଡିଜେ ମିଶ୍ରଣ ଜବତ କରାଯାଇଛି। ଅଭିଯୁକ୍ତ ମୋନୁ ଶର୍ମା ନାମରେ ପୂର୍ବରୁ ରାଉରକେଲା ଜିଆଇପି ଥାନା ଏବଂ ପ୍ଲାଂଟସାଇଟ୍ ଥାନାରେ ଦୁଇଟି ମାମଲା ରହିଛି। ଦୁଇ ଅଭିଯୁକ୍ତଙ୍କୁ ପ୍ଲାଂଟସାଇଟ୍ ଥାନାର ୩୯୫ ନମ୍ବର ମାମଲାର ବିଏନ୍ଏସ୍ ଧାରା ୩୩୧(୪)/୩୦୫(ଏ)/୩(୫)ରେ କୋର୍ଟ ଚାଲାଣ କରାଯାଇଛି।

ଏନକେଟି ରୋଡ ଚଉଡ଼ା ନେଇ ମାପଚୁପ ଆରମ୍ଭ

ଜୟପୁର,୧୭/୪(ନି/ପ୍ର): ଜୟପୁର ସହରର ଏନକେଟି ରୋଡରୁ ଜବରଦଖଲ ଉଚ୍ଛେଦ ହେବ। ଏନେଇ ଆଜି ପ୍ରଶାସନ ତରଫରୁ ମାପଚୁପ ଆରମ୍ଭ ହୋଇଛି। କଣ୍ଡରାସାହି ଛକ ଠାରୁ ପୁରୁଣାଗଡ ଛକ ଯାଏ ରାସ୍ତା ସମ୍ପ୍ରସାରଣ ହେବ। ଜବର ଦଖଲ ଯୋଗୁଁ ସାଧାରଣ ଜନତା ବହୁତ ହଇରାଣ ହେଉଥିଲେ। ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ପଦକ୍ଷେପ ନେଇଛି। ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରି ପୂଜା ରାଉତଙ୍କ ନିର୍ଦ୍ଦେଶକ୍ରମେ ମାପଚୁପ କରାଯାଇଛି। କଣ୍ଡରା ସାହି ଛକ ଠାରୁ ହୋଟେଲ ମଧୁମତି ଯାଏ ୨୭ ଫୁଟିଆ ରୋଡ ହେବ। ମଧୁମତି ଠାରୁ ଇନ୍ଦିରା ଛକ ଯାଏ ୪୦ ଫୁଟିଆ ରୋଡ ହେବ। ମାପ ଚୁପ ସମୟରେ ୨ରୁ ୫ ଫୁଟ ଦେଖାଁଏ ଜବର ଦଖଲ ହୋଇଥିବା ଜଣାଯାଇଛି। ପ୍ରତ୍ୟେକ ଦିନ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ଲାଗି ରହୁଥିବାରୁ ପ୍ରଶାସନ ତରଫରୁ ଏପରି ପଦକ୍ଷେପ ନିଆଯାଇଛି। ଏହା ଦ୍ୱାରା ରାସ୍ତା ଚଉଡ଼ା ହେବ ଟ୍ରାଫିକ ସମସ୍ୟା ରହିବ ନାହିଁ। ପ୍ରଶାସନର ଏପରି ପଦକ୍ଷେପକୁ ଜୟପୁରବାସୀ ସ୍ୱାଗତ କରିଛନ୍ତି। ପୌର କର୍ମଚାରି, ରାଜସ୍ୱ ବିଭାଗ ଓ ପୋଲିସ ଉପସ୍ଥିତିରେ ମାପଚୁପ କରାଯାଇଛି। ରାଜସ୍ୱ ବିଭାଗର ସୁପରଭାଇଜର ହରି ହରି ଶତପଥି, ଏଆରଆଇ ସରୋଜ ପାଢୀ, ଅମିନ ସୁଭଶ୍ମିତା ଜେନା, ଅଭିନାଶ ସାନ୍ଧାପାତ୍ର, ପରିମଳ ନିରିକ୍ଷକ ସତ୍ୟ ନାରାୟଣ ପାତ୍ର, ଟାଉନ ପୋଲିସ ଉପସ୍ଥିତ ଥିଲେ। ଖୁବଶୀଘ୍ର ଜବର ଦଖଲ ଉଚ୍ଛେଦ ହେବ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଚୋରା ବାଲି ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୧୭/୪(ନି/ପ୍ର) :ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଜିଲ୍ଲାପାଳ ରଘୁରାମ୍ ଆର୍.ଆୟାରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ରାଜସ୍ୱ ଅଧିକାରୀ ଚିନ୍ମୟୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ ତହସିଲରେ ପଡ଼ିରହିଥିବା ରାଜସ୍ୱ ମାମଲାଗୁଡ଼ିକୁ ଶୀଘ୍ର ଫଇସଲା କରିବା, ରାଜସ୍ୱ ଆଦାୟ କ୍ଷେତ୍ରରେ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ତହସିଲରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଓ ତହସିଲଦାରଙ୍କ କାର୍ଯ୍ୟାଳୟର ମରାମତି କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ବିଭିନ୍ନ ବାଲି ଖାଦାନରୁ ଚୋରା ବାଲି ଚାଲାଣ କରୁଥିବା ବ୍ୟକ୍ତି ଓ ଗାଡ଼ିଗୁଡ଼ିକୁ ଜବତ କରିବା ସହ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍ଜାରେ ଥିବା ମୂଲ୍ୟବାନ ସରକାରୀ ଜମିଗୁଡ଼ିକୁ ଉଦ୍ଧାର କରି ତାରବାଡ଼ ଦେଇ ସୁରକ୍ଷିତ ରଖିବା, ଜିଲ୍ଲାର ବିଭିନ୍ନ ସରକାରୀ ରାସ୍ତା ଉପରେ ମାଡ଼ି କରିଥିବା ଘରଗୁଡ଼ିକୁ ଭାଙ୍ଗିବା ଉପରେ ଆଲୋଚନା କରାଯାଇଥିଲା। ଆୟୋଜିତ ଏହି ବୈଠକରେ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ସୁନ୍ଦରଗଡ଼ ପୋଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଂଟନ

ସୁନ୍ଦରଗଡ଼,୧୭/୪(ନି/ପ୍ର): ବରିଷ୍ଠ ନାଗରିକଙ୍କ ସୁରକ୍ଷା ତଥା କଲ୍ୟାଣ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ, ସୁନ୍ଦରଗଡ଼ ପୋଲିସ ବୁଧବାର ଦିନ ସ୍ୱତନ୍ତ୍ର ଆୟୋଜିତ ଏକ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଂଟନ କରିଛି। ଏହି ଅବସରରେ ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ବ୍ୟକ୍ତିଗତ ଭାବରେ ହିତାଧିକାରୀମାନଙ୍କୁ ପରିଚୟପତ୍ର ପ୍ରଦାନ କରିଛନ୍ତି, ଯାହା ବରିଷ୍ଠ ନାଗରିକଙ୍କ ପାଇଁ ଉନ୍ନତ ସୁରକ୍ଷା ଏବଂ ସମର୍ଥନ ସୁନିଶ୍ଚିତ କରିବା ପାଇଁ ବିଭାଗର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଥାଏ। ସୁନ୍ଦରଗଡ ପୋଲିସର ବରିଷ୍ଠ ପୋଲିସ ଅଧିକାରୀମାନେ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ବଂଟନ ଉପରେ ଆଲୋକପାତ କରି କହିଥିଲେ ଯେ ଏହି ପରିଚୟପତ୍ର ପ୍ରଦାନ ଦ୍ୱାରା ପୋଲିସ ବରିଷ୍ଠ ନାଗରିକଙ୍କ ଏକ ନିର୍ଭରଯୋଗ୍ୟ ଡାଟାବେସ୍ ବଜାୟ ରଖିପାରିବା ସହିତ ଜରୁରୀକାଳୀନ ପରିସ୍ଥିତିରେ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିପାରିବ ପ୍ରଦାନ କରିପାରିବେ ଏବଂ ସେମାନଙ୍କ ସୁରକ୍ଷା ଉପରେ ଧ୍ୟାନ କେନ୍ଦ୍ରିତ କରିପାରିବେ। ଏହି ପଦକ୍ଷେପ ବିଭିନ୍ନ ସହାୟତା ସେବା ଏବଂ କଲ୍ୟାଣମୂଳକ ପଦକ୍ଷେପକୁ ଅଧିକ ପ୍ରଭାବଶାଳୀ ଭାବରେ ବିସ୍ତାର କରିବାରେ ସାହାଯ୍ୟ କରିପାରିବ ବୋଲି ମଧ୍ୟ ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସାନ୍ତା ନୂତନ ସାମଦ, ଏସ୍.ଡି.ପି.ଓ. ନିର୍ମଳ କୁମାର ମହାପାତ୍ରଙ୍କ ସହିତ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରୁ ଅନେକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମ ସମାଜର ଦୁର୍ବଳ ବର୍ଗଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ଗଠନ ଏବଂ ସମ୍ପ୍ରଦାୟ ପୋଲିସିଂକୁ ସୁଦୃଢ଼ କରିବାରେ ସୁନ୍ଦରଗଡ଼ ପୋଲିସର ସକ୍ରିୟ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି।

ଅବୈଧ ମଦ ଜବତକୁ ପୋଲିସ୍ ଏବଂ ଜନସାଧାରଣ ମୁହାଁମୁହିଁ

ସୁନ୍ଦରଗଡ଼ ୧୭/୪(ନି/ପ୍ର): ଅବୈଧ ମଦ ଜବତ ପାଇଁ ଚଢାଉ ସମୟରେ ଅବକାରୀ ଦଳ ଓ ପୋଲିସଙ୍କୁ ଗ୍ରାମବାସୀଙ୍କ କଡ଼ା ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡିଛି। ଏହାକୁ ନେଇ ପୋଲିସ୍ ଓ ଜନସାଧାରଣଙ୍କ ମଧ୍ୟରେ ସୁନ୍ଦରଗଡରେ ଉତ୍ତେଜନା ଦେଖାଦେଇଛି। ସୂଚନା ଅନୁସାରେ ତଲସରା ପୋଲିସ ସୀମା ଅନ୍ତର୍ଗତ ବାବୁଡିହି ଗ୍ରାମରେ ଘଟିଥିବା ଏହି ଘଟଣା ଏବେ ସବଡେଗା ଅଂଚଳରେ ଆଲୋଚନାର ଏକ ପ୍ରମୁଖ ବିଷୟ ପାଲଟିଛି। ଅବକାରୀ ବିଭାଗର ଅଧିକାରୀମାନେ ଅବୈଧ ମଦ ବିକ୍ରି ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗାଁରେ ପହଚିଂଥିଲେ। ଅଭିଯାନ ସମୟରେ, ବାଲିଶଙ୍କରା ଦେଶୀ ମଦ ୟୁନିଟର ଜଣେ କର୍ମଚାରୀ ଏକୁଟିଆ ରହୁଥିବା ଜଣେ ମହିଳାଙ୍କ ଘରେ ପ୍ରବେଶ କରି ତାଙ୍କୁ ଏକ ଖାଲି କାଗଜରେ ଦସ୍ତଖତ କରିବାକୁ କହିଥିଲେ। ପରିସ୍ଥିତିରେ ଭୟଭୀତ ହୋଇ ମହିଳା ଜଣକ ଆଲାରାମ୍ ବଜାଇଥିଲେ, ଯାହା ଫଳରେ ଅନ୍ୟ ମହିଳା ଏବଂ ଗ୍ରାମବାସୀ ଘଟଣାସ୍ଥଳକୁ ଧାଇଁ ଆସିଥିଲେ। ଏହାପରେ ଉନ୍ମୁକ୍ତ ଗ୍ରାମବାସୀ ଅବକାରୀ କର୍ମଚାରୀଙ୍କୁ କାବୁ କରି ଆକ୍ରମଣ କରିଥିଲେ ଏବଂ ଏକ କୋଠରୀ ଭିତରେ ବନ୍ଦ୍ କରି ରଖିଥିଲେ। ସୂଚନା ପାଇ ତଲସରା ପୋଲିସ ଗାଁରେ ପହଚିଁ ଅଟକ ଅବକାରୀ କର୍ମଚାରୀଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ତଥାପି, ସେମାନେ ମଧ୍ୟ ସ୍ଥାନୀୟ ଲୋକଙ୍କ କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ। ଗ୍ରାମବାସୀମାନଙ୍କ ସହ ମହିଳାମାନେ ଅଭିଯୋଗ କରିଥିଲେ ଯେ, ଅବକାରୀ ଅଧିକାରୀ ଏବଂ ମଦ ୟୁନିଟ୍ କର୍ମଚାରୀମାନେ ଅବୈଧ ମଦ ବିରୋଧରେ ଚଢାଉ କରିବା ବାହାନାରେ ମହିଳାମାନଙ୍କ ସହିତ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି। ସେମାନେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ ମଧ୍ୟସ୍ଥିମାନଙ୍କ ମାଧ୍ୟମରେ, ବାଲିଶଙ୍କରା ସରକାରୀ ଲାଇସେନ୍ସପ୍ରାପ୍ତ ମଦ ୟୁନିଟ୍ ଦ୍ୱାରା ଯୋଗାଇ ଦିଆଯାଉଥିବା ଦେଶୀ ମଦ ପାଉଚ୍ ବିକ୍ରୟ କରିବାକୁ ସେମାନଙ୍କୁ ଜୋରଜବରଦସ୍ତି ଚାପ ଦିଆଯାଉଛି। ଏହି ପରିସ୍ଥିତି ଅଂଚଳରେ ମଦ ପ୍ରବର୍ତ୍ତନ କାର୍ଯ୍ୟକଳାପ ସହିତ ଦୁର୍ବ୍ୟବହାର ହୋଇଥିବା ଏବଂ ଜବରଦଖଲକାରୀ ଅଭ୍ୟାସକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ବଢୁଥିବା ଅସନ୍ତୋଷକୁ ସ୍ପଷ୍ଟ କରୁଛି।

ସମ୍ବର୍ଦ୍ଧିତ ହେଲେ ସମାଜସେବୀ ଭରତ ବାଇ

ରାଉରକେଲା,୧୭/୪(ନି/ପ୍ର): ନିଜର ପ୍ରତିବଦ୍ଧତା ଓ ସାମାଜିକ ଦାୟିତ୍ୱବୋଧ କୁ ଦୃଷ୍ଟିରେ ରଖି କାର୍ଯ୍ୟ କରୁଥିବା ସମାଜସେବୀ ଭରତ ବାଇଙ୍କୁ ହମିରପୁର ଉନ୍ନୟନ ପରିଷଦ ତରଫରୁ ହମିରପୁର ସେବାନିଧି ସମ୍ମାନରେ ସମ୍ମାନିତ କରାଯାଇଛି। ହମିରପୁର ସ୍ଥିତ ହନୁମାନ ମନ୍ଦିରରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ଡ଼ ସୁମନ ଦତ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଐତିହାସିକ ଡ଼ଃ ପ୍ରଭାତ କୁମାର ମଲ୍ଲିକ ଯୋଗଦେଇ ଓଡ଼ିଆ ନବବର୍ଷ ଓ ସମାଜସେବୀ ଶ୍ରୀ ବାଇଙ୍କ ସାମାଜିକ ପ୍ରତିବଦ୍ଧତା କୁ ପ୍ରଶଂସା କରିଥିଲେ। ଏହାସହ ଭାଷା ସାହିତ୍ୟ ଓ ଓଡ଼ିଆ ନବବର୍ଷ ପାଳନର ଭିତ୍ତିଭୂମି ଉପରେ ବେଶ ଉପାଦେୟ ତଥ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସମାଜସେବୀ ଭରତ ବାଇଙ୍କୁ ଯିଏ କି ନିଜେ ଭଡା ଘରେ ରହି ସୁନ୍ଦରଗଡ, କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ନିରାଶ୍ରୟଙ୍କୁ ୪୫ ଟି ଗୃହ ନିର୍ମାଣ କରି ଦାନ କରିଛନ୍ତି, ତାଙ୍କର ଏହି ଅବଦାନକୁ ସମ୍ମାନ ଜଣାଇ ହମିରପୁର ଉନ୍ନୟନ ପରିଷଦ ସେବାନିଧି ସମ୍ମାନ ରେ ସମ୍ମାନିତ କରିଛି। ପ୍ରାରମ୍ଭରେ କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର କୁମାର ନାୟକ ସ୍ୱାଗତ ଭାଷଣ ଓ ସମ୍ପାଦକ ଆଇନଜୀବୀ ନିରଞ୍ଜନ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ଆରତୀ କର ବନ୍ଦେ ଉତ୍କଳ ଜନନୀ ଗାନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ।ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ସାମନ୍ତରାୟ,ଏସ ରାଜୁ,ପି ପି ରାୟ, ବିଷ୍ଣୁଚରଣ ନାୟକ, ମହେଶ୍ୱର ସାହୁ, କ୍ରିଷ୍ଣା ସାହୁ, ପ୍ରିୟବ୍ରତ ମହାପାତ୍ର, ପ୍ରତ୍ୟୁଷ ମିଶ୍ର,ପି ମହାପାତ୍ର,ଜି ବେଗ୍,ଏ କେ ସାହୁ, ଶାନ୍ତନୁ ପାତ୍ର, ଜ୍ୟୋତ୍ସ୍ନାରାଣୀ ରାଉତ, ନିର୍ଝରଣୀ ସାମନ୍ତରାୟ,ମଞ୍ଜୁରାଣୀ ଗୋଥ, ଶାନ୍ତିଲତା ସାହୁ, ଉର୍ମିଳା ସାହୁ, ଆରତୀ କର, ମହେନ୍ଦ୍ର ପଣ୍ଡିତ, ଗଙ୍ଗାଧର ଦାଶ,କରୁଣାକର ବିଶ୍ୱାଳ,ଶମ୍ଭୁ ପାଣ୍ଡେ, ଏସ କେ ରାୟଗୁରୁ,ସାନି ପାତ୍ର,ଡିମ୍ପି ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ। ଶେଷରେ କୁଞ୍ଜବିହାରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଆଇଜିଏଚ ବର୍ଣ୍ଣ ସେଂଟର ଦ୍ୱାରା ଗୁରୁତର ବିଦ୍ୟୁତ୍ ଆଘାତ ଜନିତ ମାମଲାର ସଫଳ ଚିକିତ୍ସା

ରାଉରକେଲା,୧୭/୪(ନି/ପ୍ର) :ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍ପି)ର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ବର୍ଣ୍ଣ ସେଂଟର ଦ୍ୱାରା ପ୍ରାୟ ୫୦ ପ୍ରତିଶତ ପୋଡ଼ି ଯାଇଥିବା ଏକ ଗୁରୁତର ବିଦ୍ୟୁତ୍ ଜନିତ ପୋଡା ମାମଲାର ସଫଳତାର ସହିତ ଚିକିତ୍ସା ସମ୍ଭବ ହୋଇ ପାରିଛି। ଏହା ଅନ୍ୟ କୌଣସି ଗୁରୁତର ଅସୁବିଧା ବିନା ସମ୍ପୂର୍ଣ୍ଣ ଆରୋଗ୍ୟକୁ ସୁନିଶ୍ଚିତ କରିପାରିଛି। କିରିବୁରୁ ଖଣିର ଜନୈକ ୩୫ ବର୍ଷୀୟ କର୍ମଚାରୀ ଶ୍ରୀ ବିର୍ସା ହେମ୍ବ୍ରମଙ୍କୁ ଡ୍ୟୁଟି ସମୟରେ ଗୁରୁତର ବିଦ୍ୟୁତ୍ ଆଘାତ ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଆଇଜିଏଚ କୁ ରେଫର କରାଯାଇଥିଲା। ଡାକ୍ତରୀ ପରୀକ୍ଷାରୁ ଜଣାପଡିଥିଲା ଯେ ରୋଗୀଙ୍କ ଶରୀରର ଉପରିଭାଗ ପ୍ରାୟ ୫୦ ପ୍ରତିଶତ ଆଘାତପ୍ରାପ୍ତ ହୋଇ ଥିଲା, ଯେଉଁଥିରେ ମୁହଁ, ବେକ, ଛାତି, ହାତ, ପିଠି ଏବଂ ଡାହାଣ ନିମ୍ନ ଅଙ୍ଗ ଅନ୍ତର୍ଭୁକ୍ତ ଥିଲା। ବର୍ଣ୍ଣ ୟୁନିଟ୍ ଦଳ ର ବରିଷ୍ଠ ଚିକିତ୍ସା ପରାମର୍ଶଦାତା ଡକ୍ଟର ରୁବି ସିଂହଙ୍କ ତତ୍ତ୍ୱାବଧାନରେ ତାଙ୍କୁ ଚିକିତ୍ସ୍ୟା କରାଯାଇଥିଲା। ଚିକିତ୍ସାରେ ବିଶେଷ ଔଷଧ ସେବନ, ନିୟମିତ ଡ୍ରେସିଂ, କ୍ଷତର ଯତ୍ନ ଏବଂ ନିରନ୍ତର ଫିଜିଓଥେରାପି ସହାୟତା ଅନ୍ତର୍ଭୁକ୍ତ ଥିଲା। ବର୍ଣ୍ଣ ସେଂଟର ଦଳର ସମୟୋଚିତ ହସ୍ତକ୍ଷେପ, ବିଶେଷଜ୍ଞଙ୍କ ତଦାରଖ ଏବଂ ଉତ୍ସର୍ଗୀକୃତ ପ୍ରୟାସ ଯୋଗୁଁ, ରୋଗୀଙ୍କଠାରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇ ଥିଲା। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ସାଢ଼େ ତିନି ସପ୍ତାହ ମଧ୍ୟରେ କୌଣସି ବଡ଼ ଜଟିଳତା ବିନା ଡିସଚାର୍ଜ କରା ଯାଇଥିଲା।